## କେମିତି କଟିବ ଏ ସପ୍ତାହ

**ମେଷ** — ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦେଶ ଭ୍ରମଣର ସୁଯୋଗ ରହିଛି। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** — ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମିଥୁନ** — ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।

**କର୍କଟ** — ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ତୀର୍ଥଯାତ୍ରା କରିବାର ସୁଯୋଗ ରହିଛି।

**ସିଂହ** — ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ।

**କନ୍ୟା** — କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ।

**ତୁଳା** — ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି।


**ବିଛା** — କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ।

**ଧନୁ** — କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ।

**ମକର** — କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।


**କୁମ୍ଭ** — ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ। ବିଦେଶ ଭ୍ରମଣର ସୁଯୋଗ ଆସିପାରେ।

**ମୀନ** — ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

## ‘ରାଷ୍ଟ୍ର ଗଠନରେ ବ୍ୟବସ୍ଥାପିକା ଓ ନ୍ୟାୟପାଳିକା ମଧ୍ୟରେ ସମନ୍ୱୟ ରହିବା ଜରୁରୀ’



**ନୂଆଦିଲ୍ଲୀ :** ବିରୋଧୀଦଳର ପ୍ରବଳ ବିରୋଧ ମଧ୍ୟରେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇ ରାଜ୍ୟସଭାର ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। ସଂସଦର ଏହି ଉଚ୍ଚ ସଦନରେ ଜଣେ ମନୋନୀତ ସଦସ୍ୟ ଅବସର ନେବାପରେ ଆସନ ଖାଲି ପଡ଼ିବାରୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗତ ସୋମବାର ଜଷ୍ଟିସ୍ ଗୋଗୋଇଙ୍କୁ ରାଜ୍ୟସଭାକୁ ମନୋନୀତ କରିଥିଲେ। ଜଷ୍ଟିସ୍ ଗୋଗୋଇ ଶପଥ ନେବାପରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ କେନ୍ଦ୍ର ଆଇନ୍ ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଥିଲେ, ରାଜ୍ୟସଭାର ଏକ ମହାନ ପରମ୍ପରା ରହିଛି। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ପ୍ରମୁଖ ବ୍ୟକ୍ତିତ୍ୱଙ୍କୁ ଏହି ଉଚ୍ଚ ସଦନକୁ ମନୋନୀତ କରାଯାଏ। ପୂର୍ବରୁ ଏକାଧିକ ପୂର୍ବତନ ପ୍ରଧାନ ବିଚାରପତି ଏହି ସଦନରେ ପ୍ରତିନିଧିତ୍ୱ କରିଛନ୍ତି। ଜଷ୍ଟିସ୍ ଗୋଗୋଇ ମନୋନୀତ ହେବାଦ୍ୱାରା ରାଜ୍ୟସଭାରେ ତାଙ୍କର ବିଶେଷ ଅବଦାନ ରହିବ ବୋଲି ମନ୍ତ୍ରୀ ପ୍ରସାଦ ଆଶାପ୍ରକାଶ କରିଥିଲେ। ତେବେ ବିରୋଧୀଦଳ ସଦସ୍ୟମାନେ ‘ଲଜ୍ଜା, ଲଜ୍ଜା’ ଧ୍ୱନି ଦେଇ କକ୍ଷତ୍ୟାଗ କରିଥିବାରୁ ଆଇନ୍ ମନ୍ତ୍ରୀ ଏହା ଆଦୌ ଶୋଭନୀୟ ନୁହେଁ ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ ରାଜ୍ୟସଭାକୁ ଜଷ୍ଟିସ୍ ଗୋଗୋଇଙ୍କୁ ମନୋନୀତ କଲାବେଳେ ଏହାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ଏପରିକି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି କୁରିଏନ୍ ଜୋସେଫ୍ ମଧ୍ୟ ସମାଲୋଚନା କରିଥିଲେ। ସେ ଗତ ମଙ୍ଗଳବାର କହିଥିଲେ, ଏହାଦ୍ୱାରା ନ୍ୟାୟପାଳିକାର ସ୍ୱାଧୀନତା ସମ୍ପର୍କରେ ସାଧାରଣ ଜନତାର ଆସ୍ଥା କମିଯିବ। କଂଗ୍ରେସର ମୁଖପାତ୍ର ରଣଦୀପ ସିଂହ ସୁର୍ଯ୍ୟେୱାଲା ଏବଂ ବିଜେପିର ପୂର୍ବତନ ନେତା ଯଶୋବନ୍ତ ସିହ୍ନା ମଧ୍ୟ ଜଷ୍ଟିସ୍ ଗୋଗୋଇଙ୍କ ମନୋନୟନକୁ ସମାଲୋଚନା କରିଥିଲେ। ତେବେ ଶପଥ ନେବା ପୂର୍ବରୁ ଜଷ୍ଟିସ୍ ଗୋଗୋଇ ଗୁଆହାଟୀଠାରେ ତାଙ୍କ ବାସଭବନରେ ଗଣମାଧ୍ୟମକୁ କହିଥିଲେ, ରାଷ୍ଟ୍ର ଗଠନରେ ବ୍ୟବସ୍ଥାପିକା ଓ ନ୍ୟାୟପାଳିକା ମଧ୍ୟରେ ସମନ୍ୱୟ ରହିବା ଜରୁରି। ନ୍ୟାୟପାଳିକାର ଭୂମିକା ସମ୍ପର୍କରେ ମତ ରଖିବା ପାଇଁ ସଂସଦରେ ମୋର ଉପସ୍ଥିତି ସହାୟକ ହେବ।

# କଂଗ୍ରେସ ହାତରୁ ଗଲା ମଧ୍ୟପ୍ରଦେଶ

## ଇସ୍ତଫା ଦେଲେ କମଲନାଥ



**ଭୋପାଳ :** ଶେଷରେ କଂଗ୍ରେସ ହାତରୁ ଗଲା ମଧ୍ୟପ୍ରଦେଶ। ରାଜ୍ୟପାଳ ଲାଲଜି ଟଣ୍ଡନଙ୍କୁ ଭେଟି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ ଇସ୍ତଫା ପତ୍ର ଦେଇଛନ୍ତି। ରାଜ୍ୟପାଳଙ୍କୁ ଇସ୍ତଫା ପତ୍ର ଦେବା ପୂର୍ବରୁ ସେ ଭୋପାଳ ସ୍ଥିତ ନିଜ ବାସଭବନରେ ସାମ୍ବାଦିକ ସମ୍ମିଳନୀ କରି ଇସ୍ତଫା ବାବଦରେ ଘୋଷଣା କରିଥିଲେ। ୧୦ ମିନିଟର ସାମ୍ବାଦିକ ସମ୍ମିଳନୀରେ ସେ ତାଙ୍କ ସରକାର ଉପଲବ୍ଧି ବାବଦରେ କହିଥିଲେ। କମଲନାଥ ଦାବି କରିଛନ୍ତି ଯେ, ଏହି ୧୫ ମାସରେ ତାଙ୍କ ସରକାର ୪୦୦ଟି ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିଛି। ସେହିପରି ତାଙ୍କ ସରକାର ବିରୋଧରେ କୌଣସି ଦୁର୍ନୀତି ଅଭିଯୋଗ ଆସିନି। ଚାଷୀଙ୍କ ପାଇଁ ସେ ଯାହା କରିଛନ୍ତି ପୂର୍ବ ବିଜେପି ସରକାର ୧୫ ବର୍ଷରେ କରିବାରେ ବିଫଳ ହୋଇଥିଲା ବୋଲି ସେ କହିଥିଲେ। ବିଜେପି ଷଡଯନ୍ତ୍ର କରି ତାଙ୍କ ସରକାରକୁ ଭାଙ୍ଗିଛି। ବିଜେପି ତାଙ୍କ ସହିତ ବିଶ୍ୱାସଘାତ କରିନାହିଁ ବରଂ ଷଡଯନ୍ତ୍ର କରି ରାଜ୍ୟବାସୀଙ୍କୁ ଧୋକ୍କା ଦେଇଛି। ୧୫ ବର୍ଷରେ ବିଜେପି ସରକାର ରାଜ୍ୟରେ ଯାହା ନକରିଛି, ତାଙ୍କ ସରକାର ମାତ୍ର ୧୫ମାସରେ ସେସବୁ କରିବାକୁ ସକ୍ଷମ ହୋଇଛି ବୋଲି କମଲନାଥ କହିଥିଲେ। ସେ କହିଥିଲେ ଯେ, ବିକାଶ ପଥରେ ମଧ୍ୟପ୍ରଦେଶ ସରକାର ଥିଲା। ହେଲେ ଷଡଯନ୍ତ୍ର କରି ବିକାଶରେ ରୋକ୍ ଲଗାଇଛି ବିଜେପି। ତାଙ୍କ ସରକାର ଚାଷୀଙ୍କ ପାଇଁ କାମ କରିଛି। ଚାଷୀଙ୍କ ହକ୍ ପାଇଁ ଅନେକ ନିଷ୍ପତ୍ତି ନେଇଛି। ସେହିପରି ରାଜ୍ୟରେ ମାଫିଆଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ହେଲେ ବିଜେପି ଚାହୁଁନଥିଲା ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ତେଣୁ ବିଜେପି କ୍ଷମତାକୁ ଆସିବା ପାଇଁ ଅହରହ ଷଡଯନ୍ତ୍ର କରୁଥିଲା। କଂଗ୍ରେସର ବିଧାୟକଙ୍କୁ ନେଇ କର୍ଣ୍ଣାଟକର ଏକ ରିସୋଟରେ ବିଜେପି ଅଟକ ରଖିଛି ବୋଲି ସେ କହିଛନ୍ତି। ଗୁରୁବାର ମଧ୍ୟପ୍ରଦେଶ ବିଧାନସଭାରେ ଆସ୍ଥା ଭୋଟ୍ ପାଇଁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବାଚସ୍ପତି ଏନ୍ ପ୍ରସାଦ ପ୍ରଜାପତି ଗୃହୀତ ହୋଇ ନଥିବା ୧୬ କଂଗ୍ରେସ ବିଧାୟକଙ୍କ ଇସ୍ତଫା ଗ୍ରହଣ କରିଛନ୍ତି। ଏହାପୂର୍ବରୁ ୬ କଂଗ୍ରେସ ବିଧାୟକଙ୍କ ଇସ୍ତଫା ବାଚସ୍ପତି ଗ୍ରହଣ କରିଥିଲେ। ମୋଟ୍ ୨୨ କଂଗ୍ରେସ ବିଧାୟକ ଇସ୍ତଫା ଦେବା ପରେ କମଲନାଥ ସରକାର ସଂଖ୍ୟାଗରିଷ୍ଠତା ହରାଇଛନ୍ତି।

## ସର୍ବନିମ୍ନ ସ୍ତରରେ ଅଶୋଧିତ ତୈଳଦର

**ନୂଆଦିଲ୍ଲୀ :** କରୋନା ଭୂତାଣୁର ଆତଙ୍କ କ୍ରମଶଃ ବଢ଼ିଚାଲିଥିବାବେଳେ ଅଶୋଧିତ ତୈଳଦର ଚାହିଦାରେ ଅଭାବ କାରଣରୁ ତୈଳଦରରେ ବଡ଼ଧରଣର ହ୍ରାସ ଉଲ୍ଲେଖ କରାଯାଇଛି। ୨୦୦୨ ପରଠାରୁ ବର୍ତ୍ତମାନ ସୁଦ୍ଧା ତୈଳଦରରେ ଏହା ସବୁଠୁ ଅଧିକ ହ୍ରାସ ବୋଲି ଜଣାପଡ଼ିଛି। ବ୍ରେଣ୍ଟ୍ କ୍ରୁଡ୍‌ର ବାଇଦା ମୂଲ୍ୟ ୧୮ ବର୍ଷର ନିମ୍ନସ୍ତରକୁ ଛୁଇଁଥିବାବେଳେ ବ୍ୟାରେଲ୍ ପିଛା ଏହା ୨୬ ଡଲାରରେ ପହଞ୍ଚିଛି। ସେହିପରି ଆମେରିକୀୟ କ୍ରୁଡ୍‌ର ବାଇଦା ମୂଲ୍ୟ ବ୍ୟାରେଲ୍ ପିଛା ୨୩ ଡଲାରରେ ପହଞ୍ଚିଛି। ଗୋଲ୍ଡମ୍ୟାନ୍ ସାକ୍ସ କହିଛନ୍ତି ଯେ, ଲୋକମାନଙ୍କୁ ଭିଡ଼ସ୍ଥାନରୁ ଦୂରେଇ ରହିବା ଏବଂ ନିଜକୁ ଅନ୍ୟମାନଙ୍କ ଠାରୁ ଅଲଗା ରଖିବା ଲାଗି ବିଶ୍ୱବ୍ୟାପୀ ସରକାରମାନେ ନିବେଦନ କରିଛନ୍ତି। ଯାହାଫଳରେ ମାର୍ଚ୍ଚ ଶେଷସୁଦ୍ଧା ତୈଳର ଅନ୍ତର୍ଜାତୀୟ ଚାହିଦା ହ୍ରାସ ପାଇ ପ୍ରତିଦିନ ବ୍ୟାରେଲ୍ ପିଛା ୮୦-୯୦ ଲକ୍ଷ ରହିପାରେ। ତୈଳ ଉପଯୋଗରେ ବାର୍ଷିକ ବ୍ୟାରେଲ୍ ପିଛା ପ୍ରତ୍ୟହ ପ୍ରାୟ ୧୧ ଲକ୍ଷ ହ୍ରାସ ହୋଇପାରେ, ଯାହା ରେକର୍ଡ ସୃଷ୍ଟି କରିବ ବୋଲି ଉଲ୍ଲେଖ କରାଯାଇଛି। ଏଜେନ୍ସି କହିଛି ଯେ, କରୋନା ଭୂତାଣୁ ବ୍ୟାପିବା କାରଣରୁ ତୈଳ ଚାହିଦାରେ ବଡ଼ଧରଣର ହ୍ରାସ ହୋଇଛି। ଯାହାଫଳରେ ଦ୍ୱିତୀୟ ତ୍ରୟମାସରେ ବ୍ରେଣ୍ଟ୍ କ୍ରୁଡ୍ ମୂଲ୍ୟ ହ୍ରାସ ପାଇ ୨୦ ଡଲାର ରହିପାରେ। ଅପରପକ୍ଷେ ଅଶୋଧିତ ତୈଳଦରରେ ହ୍ରାସ ହେବା ଯୋଗୁଁ ପେଟ୍ରୋଲ୍ ମୂଲ୍ୟ ହ୍ରାସ ପାଇପାରେ ବୋଲି ଆଶଙ୍କା କରାଯାଉଛି। ଯାହାଫଳରେ ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ମିଳିବ। ଏହାବ୍ୟତୀତ ଇନ୍ଧନ ଗ୍ୟାସ୍ ଦରରେ ମଧ୍ୟ ଭାରିମାତ୍ରାର ହ୍ରାସ ଦେଖିବାକୁ ମିଳିପାରେ।

## ୟେସ୍ ବ୍ୟାଙ୍କକୁ ୬୦ ହଜାର କୋଟି ଦେଲା ଆର୍‌ବିଆଇ




**ମୁମ୍ବାଇ :** ଦେଶର ଚତୁର୍ଥ ବୃହତ ତଥା କର୍ପୋରେଟ୍ ବ୍ୟାଙ୍କ ଭାବେ ପରିଚିତ ୟେସ୍ ବ୍ୟାଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆଣିବା ଲକ୍ଷ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ୬୦ ହଜାର କୋଟି ଟଙ୍କା ଯୋଗାଇ ଦିଆଯାଇଛି। ୟେସ୍ ବ୍ୟାଙ୍କର ସମ୍ପତ୍ତି ମୂଲ୍ୟ ଯଥେଷ୍ଟ ଅଧିକ ରହିଥିଲେ ହେଁ ସାଂପ୍ରତିକ ସ୍ଥିତିରେ ନଗଦ ଅର୍ଥର ଅଭାବ ରହିଛି। ଏହାକୁ ଦୃଷ୍ଟିରେ ରଖି ଏବଂ ବ୍ୟାଙ୍କର ଜମାକାରୀଙ୍କ ସ୍ୱାର୍ଥକୁ ବିଚାର କରି ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ନେଇଛି ବୋଲି ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ସୂଚନା ଦେଇଛନ୍ତି। ଆର୍‌ବିଆଇ ଆକ୍ଟ ୧୯୩୪, ଧାରା ୧୭ ଅନୁଯାୟୀ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ଯେକୌଣସି ବ୍ୟାଙ୍କିଙ୍ଗ ଉଦ୍ୟୋଗକୁ ସମ୍ପତ୍ତି ବନ୍ଧକ ରଖି ନଗଦ ଅର୍ଥ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ବର୍ତ୍ତମାନ ୟେସ୍ ବ୍ୟାଙ୍କର ପର୍ଯ୍ୟାପ୍ତ ସମ୍ପତ୍ତି ରହିଥିବାରୁ ବ୍ୟାଙ୍କ ପାଇଁ ନଗଦ ଅର୍ଥର ଅଭାବ ରହିବ ନାହିଁ କିମ୍ବା ଜମାକାରୀଙ୍କ ପାଇଁ କୌଣସି ସମସ୍ୟା ରହିବ ନାହିଁ ବୋଲି ଶ୍ରୀ ଦାସ କହିଛନ୍ତି। ତେବେ ୟେସ୍ ବ୍ୟାଙ୍କ ପାଇଁ ଏହା ହେଉଛି ଶେଷ ସହାୟତା ବୋଲି ମଧ୍ୟ ସେ ଚେତାଇ ଦେଇଛନ୍ତି। ବ୍ୟାଙ୍କର ଜମାକରୀଙ୍କୁ ଆଶ୍ୱସ୍ତ ରହିବାକୁ ସୂଚନା ଦେବା ଅବସରରେ ଶ୍ରୀ ଦାସ କହିଥିଲେ ଯେ, ଭାରତର ବ୍ୟାଙ୍କିଙ୍ଗ ଇତିହାସରେ ଜମାକରୀଙ୍କ ଟଙ୍କା କୌଣସି ସ୍ଥିତିରେ ବୁଡିଯିବାର ନଜିର ନାହିଁ। ୟେସ୍ ବ୍ୟାଙ୍କର ସାଂପ୍ରତିକ ସ୍ଥିତି ସମ୍ପର୍କରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସବୁଦିଗରୁ ସମୀକ୍ଷା କରାଯାଇଥିବା ବେଳେ କେବଳ ନଗଦ ରାଶିର ଅଭାବକୁ ବାଦ୍ ଦେଲେ ଅନ୍ୟ କୌଣସି ସମସ୍ୟା ନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ୟେସ୍ ବ୍ୟାଙ୍କ କାରବାର ଉପରେ ରୋକ୍ ଲଗାଯିବା ସହିତ ଜମାକାରୀମାନେ ମାସକୁ ସର୍ବାଧିକ ୫୦ ହଜାର ଟଙ୍କା ଉଠାଇପାରିବେ ବୋଲି କୁହାଯାଇଥିଲା। ଏହାପରେ ବ୍ୟାଙ୍କର ପୁନର୍ଗଠନ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା ବେଳେ ପରବର୍ତ୍ତୀ ସମୟରେ ଏଥିପ୍ରତି କ୍ୟାବିନେଟ୍ ମଞ୍ଜୁରୀ ମଧ୍ୟ ମିଳିଥିଲା। ଗତ ବୁଧବାର ଠାରୁ ବ୍ୟାଙ୍କ ଉପରେ ଲାଗୁ କରାଯାଇଥିବା ସମସ୍ତ ପ୍ରତିବନ୍ଧକ ଉଠାଇ ଦିଆଯିବା ସହିତ ଏବେ ପୂର୍ଣ୍ଣାଙ୍ଗ ଭାବେ ବ୍ୟାଙ୍କ କାର୍ଯ୍ୟ କରୁଛି ବୋଲି କୁହାଯାଇଛି।

## ଯାତ୍ରା ହ୍ରାସ ପାଇଁ କେନ୍ଦ୍ରର ପରାମର୍ଶ

**ନୂଆଦିଲ୍ଲୀ :** କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ସାର୍ବଜନୀନ ପରିବହନ ମାଧ୍ୟମରେ ନୋଭୋଲ କରୋନା ଭୂତାଣୁ-କୋଭିଡ ୧୯ ସଂକ୍ରମଣ ରୋକିବା ଲାଗି ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ଅନୁରୋଧ କରାଯାଇଛି। ରୋଗ ସଂକ୍ରମଣ ରୋକିବା ଉଦ୍ଦେଶ୍ୟରେ ସାମାଜିକ ଦୂରତା ବଜାୟ ରଖିବା ଲାଗି ପଦକ୍ଷେପ ନେବାକୁ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ଶାସନ ସଚିବ, ପରିବହନ ବିଭାଗ ସଚିବ ଏବଂ କମିଶନରମାନଙ୍କୁ ପତ୍ର ଲେଖାଯାଇଛି। ଜନସାଧାରଣଙ୍କ ବାରମ୍ବାର ଯାତ୍ରାକୁ ହ୍ରାସ କରିବା ଲାଗି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅନାବଶ୍ୟକ କ୍ଷେତ୍ରରେ ଯାତ୍ରୀମାନଙ୍କୁ ଅଗ୍ରିମ ବୁକିଂ ବାତିଲ କରି ଭଡ଼ା ଫେରସ୍ତ କରିବା ଉପରେ ବିଚାର କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଏହାବ୍ୟତୀତ ଏସଏମଏସ ପଠାଇ ଯାତ୍ରୀମାନଙ୍କୁ ଏହି ଉପାୟ ବିଷୟରେ ଅବଗତ କରାଇବା ଲାଗି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ଅନୁରୋଧ କରାଯାଇଛି।

**ଏଜିଆର ଦେୟକୁ ନେଇ ସୁପ୍ରିମ୍‌କୋର୍ଟ କ୍ଷୁବ୍ଧ**

# ସୁଧ ସହ ବକେୟା ଜମା କରିବେ ଟେଲିକମ୍ପାନୀ



**ନୂଆଦିଲ୍ଲୀ :** ବିଭିନ୍ନ ଟେଲିକମ୍ କମ୍ପାନୀଙ୍କ ଉପରେ ବକେୟା ରହିଥିବା ଏଜିଆର୍(ଆଡ୍‌ଜଷ୍ଟେଡ୍ ଗ୍ରସ୍ ରେଭିନ୍ୟୁ)କୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହେବା ସହିତ ଉଭୟ କମ୍ପାନୀ ଏବଂ ଟେଲିକମ୍ ବିଭାଗ(ଡଟ୍) ଉପରେ ବର୍ଷିଛନ୍ତି। ୨୦୨୦ ମାର୍ଚ୍ଚ ୧୭ ତାରିଖ ମଧ୍ୟରେ ସମସ୍ତ କମ୍ପାନୀ ସେମାନଙ୍କ ଦେୟ ପଇଠ କରିବାକୁ ପୂର୍ବରୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ କିଛି କମ୍ପାନୀଙ୍କ ପକ୍ଷରୁ ସେମାନଙ୍କ ବକେୟା ରାଶି ମଧ୍ୟରୁ ଆଂଶିକ ଭାଗ ଟେଲିକମ୍ ବିଭାଗ ନିକଟରେ ଦାଖଲ କରାଯାଇଛି। ଇତି ମଧ୍ୟରେ ବକେୟା ପଇଠ କରିବାର ଶେଷ ତାରିଖ ଶେଷ ହୋଇଥିଲେ ହେଁ ସମସ୍ତ ଦେୟ ପଇଠ କରାଯାଇନାହିଁ। ଏହାକୁ ନେଇ ଜଷ୍ଟିସ୍ ଏସ୍ ଅବଦୁଲ ନଜିର, ଅରୁଣ ମିଶ୍ର ଏବଂ ଏମ୍ ଆର୍ ଶାହଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ସଂପୃକ୍ତ ମାମଲାର ଶୁଣାଣି କରିଥିବା ବେଳେ ଟେଲିକମ୍ କମ୍ପାନୀମାନେ ସେମାନଙ୍କ ବକେୟା ରାଶି ସହିତ ସୁଧ ଏବଂ ସେମାନଙ୍କ ଉପରେ ଜାରି କରାଯାଇଥିବା ଅର୍ଥ ଦଣ୍ଡ ମଧ୍ୟ ଦେବାକୁ ବାଧ୍ୟ ବୋଲି ରୋକ୍‌ଠୋକ୍ ଶୁଣାଇଛନ୍ତି। ଟେଲିକମ୍ କମ୍ପାନୀ କିମ୍ବା ଟେଲିକମ୍ ବିଭାଗର କୌଣସି ଯୁକ୍ତି ଶୁଣାଯିବ ନାହିଁ ଏବଂ ଆବଶ୍ୟକ ପଡ଼ିଲେ ଟେଲିକମ୍ ବିଭାଗର ଅଧିକାରୀଙ୍କୁ ସମନ୍ କରାଯିବ ବୋଲି ଉକ୍ତ ଖଣ୍ଡପୀଠ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଲାଇସେନ୍ସ ଫି, ସ୍ପେକ୍‌ଟ୍ରମ ଫି ଏବଂ ଅନ୍ୟାନ୍ୟ ବକେୟାକୁ ନେଇ ବିଭିନ୍ନ କମ୍ପାନୀଙ୍କ ଉପରେ ମୋଟ ୧.୪୭ ଲକ୍ଷ କୋଟି ଟଙ୍କାର ବକେୟା ପଡ଼ିଥିବା ବେଳେ ଗତ ସୋମବାର ସୁଦ୍ଧା ବିଭିନ୍ନ କମ୍ପାନୀଙ୍କ ପକ୍ଷରୁ ମାତ୍ର ୨୯,୨୦୦ କୋଟି ଟଙ୍କା ଦାଖଲ କରାଯାଇଛି। ଭାରତୀ ଏୟାରଟେଲ ଉପରେ ୩୫,୦୦୦ କୋଟି ଟଙ୍କାର ବକେୟା ରହିଥିବା ବେଳେ କମ୍ପାନୀ ମାତ୍ର ୧୮,୦୦୦ କୋଟି ଟଙ୍କା ଜମା କରିଛି। ସେହିପରି ଭୋଡାଫୋନ ଆଇଡିଆ ଉପରେ ରହିଥିବା ୫୩,୦୦୦ କୋଟି ମଧ୍ୟରୁ ୬୮୫୪ କୋଟି, ଟାଟା ଟେଲି ସର୍ଭିସେସ୍‌ର ୧୩,୮୦୦ କୋଟି ମଧ୍ୟରୁ ୪୧୯୭ କୋଟି ଜମା କରାଯାଇଛି। ହେଲେ ଅଧିକାଂଶ କମ୍ପାନୀ ସେମାନଙ୍କ ନିଜସ୍ୱ ହିସାବ ମୁତାବକ ସମସ୍ତ ଦେୟ ଭରଣା କରିଛନ୍ତି ଏବଂ ସେମାନଙ୍କ ଆଉ କୌଣସି ବକେୟା ନାହିଁ ବୋଲି କହିବା ପରେ ସୁପ୍ରିମକୋର୍ଟ ଉପରୋକ୍ତ ଚରମବାଣୀ ଶୁଣାଇଛନ୍ତି।

## ଚୀନ୍ ସହ ବାଣିଜ୍ୟ ସମ୍ପର୍କ ବଜାୟ ରଖିବ ପାକିସ୍ତାନ



**ଇସ୍‌ଲାମାବାଦ :** ମହାମାରୀ କରୋନା ବ୍ୟାପିବା ସତ୍ତ୍ୱେ ପାକିସ୍ତାନ ଚୀନ୍ ସହ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ବଜାୟ ରଖିବ ବୋଲି ପାକ୍ ବୈଦେଶିକ ମନ୍ତ୍ରୀ ଶାହ ମେହମୁଦ କ୍ୟୁରେସୀ କହିଛନ୍ତି। ଚୀନ୍‌ରୁ ପ୍ରକାଶିତ ଏକ ସମ୍ବାଦପତ୍ରରେ କ୍ୟୁରେସୀଙ୍କ ମନ୍ତବ୍ୟ ପ୍ରକାଶ ପାଇଛି। ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡର ସମ୍ପର୍କରେ ଆଲୋଚନା କରୁଥିବା ସମୟରେ କ୍ୟୁରେସୀ କହିଥିଲେ ଯେ କରୋନା ଭୂତାଣୁ ସଂକ୍ରମଣ ଏକ ଅସ୍ଥାୟୀ ପ୍ରତିବନ୍ଧକ। ଏପରି ପ୍ରତିବନ୍ଧକ ପାଇଁ ଚୀନ୍- ପାକିସ୍ତାନ ମଧ୍ୟରେ ସମ୍ପାଦିତ ବହୁକୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ବନ୍ଦ କରାଯିବାର ପ୍ରଶ୍ନ ଉଠୁନି। ଚୀନ-ପାକିସ୍ତାନ ଅର୍ଥନୈତିକ କରିଡର ଉଭୟ ଦେଶ ପାଇଁ ଲାଭଜନକ ପ୍ରକଳ୍ପ। ଇତିମଧ୍ୟରେ କରୋନା ଭୂତାଣୁ ସହ ମୁକାବିଲା କରିବା ପାଇଁ ଚୀନ୍ ତରଫରୁ ପାକିସ୍ତାନକୁ ହଜାର ହଜାର ପରୀକ୍ଷଣ କିଟ୍ ଯୋଗାଇ ଦିଆଯାଇଛି। ତା’ ସହିତ ପାକିସ୍ତାନରେ କରୋନା ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ଚୀନ୍‌ରୁ ବିଶେଷଜ୍ଞ ଟିମ୍ ସେଠାକୁ ଯାଇଛନ୍ତି। ପାକ୍ ରାଷ୍ଟ୍ରପତି ଆରିଫ ଆଲଭୀ, ଯୋଜନା ମନ୍ତ୍ରୀ ଆସାଦ ଉମର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ବୈଦେଶିକ ମନ୍ତ୍ରୀ କ୍ୟୁରେସୀ ସୋମବାର ବେଜିଂରେ ପହଞ୍ଚିଥିଲେ। ଚୀନ୍‌କୁ ଦୁଇଦିନିଆ ଗସ୍ତରେ ଯାଇ ପାକ୍ ପ୍ରତିନିଧି ଦଳ ଏକାଧିକ ଚୁକ୍ତିନାମା କରିଛନ୍ତି। ଚୀନ୍ ଗସ୍ତରେ ଯାଇଥିବା ପାକ୍ ରାଷ୍ଟ୍ରପତି ଆରିଫ ଆଲଭୀ ଓ ଯୋଜନା ସମନ୍ୱୟ ମନ୍ତ୍ରୀ ଉମରଙ୍କ ନିକଟରେ କରୋନା ଭୂତାଣୁ ନଥିବା ପରୀକ୍ଷଣରୁ ଜଣାପଡ଼ିଛି। ପାକିସ୍ତାନରେ ୩୦୦ରୁ ଅଧିକ କରୋନା ରୋଗୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ମାତ୍ର ୨ ଜଣ ମରିଛନ୍ତି।

# କରୋନା ଭାରତୀୟ ଅର୍ଥନୀତି ପାଇଁ ବିପଦ !



**ନୂଆଦିଲ୍ଲୀ :** କୋଭିଡ୍-୧୯ ମହାମାରୀର ପ୍ରକୋପ ଦିନକୁ ଦିନ ଭୟଙ୍କର ହୋଇପଡୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ବିଶ୍ୱସ୍ତରରେ ସଂକ୍ରମିତଙ୍କ ସଂଖ୍ୟା ଦୁଇ ଲକ୍ଷରୁ ଅଧିକ ହୋଇଛି। କରୋନା କବଳରେ ୯,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇସାରିଥିବା ବେଳେ ୧୬୭ ରାଷ୍ଟ୍ରରେ ଏବେ ସ୍ଥିତି ଜଟିଳ ହୋଇପଡ଼ିଛି। ଏଭଳି ସ୍ଥିତିକୁ ନେଇ ବିଶ୍ୱ ବାଣିଜ୍ୟ ଏବଂ ବ୍ୟବସାୟ କ୍ଷେତ୍ର ଏକପ୍ରକାର ଠପ୍ ହୋଇପଡ଼ିଥିବା ବେଳେ ପୁଞ୍ଜି ବଜାର ଭୁଷୁଡ଼ିବାକୁ ଆରମ୍ଭ କରିଛି। ଏହାଦ୍ୱାରା ଭାରତ ଭଳି ଏକ ଅର୍ଥନୈତିକ ପ୍ରଗତିଶୀଳ ରାଷ୍ଟ୍ରର ଅର୍ଥନୀତି ଆଗାମୀ ଦିନରେ ଆହୁରି ଅବନତି ମୁହାଁ ହେବ ବୋଲି ଏବେ ବିଭିନ୍ନସ୍ତରରେ ଚିନ୍ତାର ବିଷୟ ହୋଇଛି। ବିଶେଷକରି ଦେଶର ସାମଗ୍ରିକ ଅଭିବୃଦ୍ଧି ପ୍ରକ୍ରିୟା ବହୁଳ ଭାବେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଥିବାରୁ ଏହାକୁ ନେଇ ଅର୍ଥନୀତିଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷର ଶେଷ ଭାଗରୁ ଭାରତରେ ଆର୍ଥିକ ମାନ୍ଦାବସ୍ଥା ଦେଖାଯାଇଥିବା ବେଳେ ଏହା ପ୍ରଭାବରେ ବିଭିନ୍ନ କ୍ଷେତ୍ର ପ୍ରଭାବିତ ହେବା ସହ ନିଯୁକ୍ତି ହ୍ରାସ, ସୁଧ ବୃଦ୍ଧି, ବିତ୍ତୀୟ ନିଅଣ୍ଟ ବୃଦ୍ଧି ଆଦି ସମସ୍ୟା ଲାଗି ରହିଥିଲା। ଯାହାକୁ ନେଇ ୨୦୧୯-୨୦ ଆର୍ଥିକ ବର୍ଷରେ ଦେଶର ଅଭିବୃଦ୍ଧି ହାର ସର୍ବନିମ୍ନସ୍ତରରେ ପହଞ୍ଚିଥିଲା। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ରାଜସ୍ୱ ସଂଗ୍ରହରେ ଘଟିଥିବା ହ୍ରାସକୁ ନେଇ କେନ୍ଦ୍ର ସରକାର ସର୍ବାଧିକ ଭାବେ ଚିନ୍ତିତ ହୋଇପଡ଼ିଥିଲେ। ଏଥିରେ ସୁଧାର ଆଣିବା ସହିତ ୨୦୨୦-୨୧ ବର୍ଷରେ ଅଧିକ ହାରରେ ଅଭିବୃଦ୍ଧି ହାସଲ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲେ ହେଁ ଏବେ କରୋନା ସ୍ଥିତି ଅର୍ଥନୈତିକ ଭବିଷ୍ୟତ ପାଇଁ କାଳ ସଦୃଶ ହୋଇଛି। କାରଣ ଏହି ଆର୍ଥିକ ବର୍ଷରେ ମଧ୍ୟ ପୂର୍ବବର୍ଷର ସ୍ଥିତି ତୁଳନାରେ ଆହୁରି ଖରାପ ସ୍ଥିତି ଉତ୍ପନ୍ନ ହୋଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ବିଶେଷକରି ବ୍ୟବସାୟ, ବାଣିଜ୍ୟ, ହେଟେଲ, ପର୍ଯ୍ୟଟନ, ବେସାମରିକ ବିମାନ ଚଳାଚଳ, ପରିବହନ ଏବେ ଯୋଗାଯୋଗ କ୍ଷେତ୍ର ସର୍ବାଧିକସ୍ତରରେ ପ୍ରଭାବିତ ହୋଇଥିବାରୁ ୨୦୨୦-୨୧ରେ ମଧ୍ୟ ରାଜସ୍ୱ ଆଦାୟ ଅଧିକାଂଶ ଭାବେ ହ୍ରାସ ପାଇବ ବୋଲି କୁହାଯାଉଛି। ଯାହାକୁ ନେଇ ଦେଶର ବିତ୍ତୀୟ ନିଅଣ୍ଟ ହାର ଜିଡିପିର ୩.୮୮ ପ୍ରତିଶତ ଛୁଇଁବ ବୋଲି ଏସ୍‌ବିଆଇ ଇକୋରାପ୍ ଗବେଷଣା ରିପୋର୍ଟରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଭାରତର ଅଟୋମୋବାଇଲ ଶିଳ୍ପ ଠାରୁ ଆରମ୍ଭ କରି ଆଇଟି, ମୋବାଇଲ, ଫାର୍ମାସିଉଟିକାଲ ଆଦି କ୍ଷେତ୍ର ପାଇଁ ଅଧିକାଂଶ କଞ୍ଚାମାଲ ଚୀନ୍‌ରୁ ଆମଦାନୀ କରାଯାଇଥାଏ। କିନ୍ତୁ ସାଂପ୍ରତିକ ସ୍ଥିତିରେ ଏଥିରେ ପ୍ରତିବନ୍ଧକ ଲାଗିଥିବା ବେଳେ ଏହିସବୁ କ୍ଷେତ୍ରର ଉତ୍ପାଦନ ଆଗାମୀ ଦିନରେ ଏକପ୍ରକାର ବନ୍ଦ ହୋଇଯିବାକୁ ବସିଛି। ଅନ୍ୟପକ୍ଷରେ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିବାରୁ ହୋଟେଲ, ବିମାନ ସେବା ଏବଂ ପର୍ଯ୍ୟଟନ ଶିଳ୍ପ ମଧ୍ୟ ଠପ୍ ହୋଇଯିବାକୁ ବସିଛି। ଫଳରେ ଆଗାମୀ ଦିନରେ ଭାରତୀୟ ଅର୍ଥନୀତି ପାଇଁ ବିପଦ ସୃଷ୍ଟି ହୋଇପାରେ ବୋଲି ବିଭିନ୍ନ ମହଲରେ ଆକଳନ କରାଯାଇଛି।



# ଚଳିତବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ

**ଭୁବନେଶ୍ୱର :** ରାଜ୍ୟରେ ଚଳିତ ବର୍ଷ ମୌସୁମୀ ବର୍ଷାର ପରିମାଣ ସ୍ୱାଭାବିକ କିମ୍ବା ସ୍ୱାଭାବିକଠାରୁ ଅଧିକ ରହିବ। ବର୍ତ୍ତମାନ ରାଜ୍ୟରେ ପ୍ରାକ୍‌-ମୌସୁମୀ ବର୍ଷା ଆରମ୍ଭ ହୋଇଛି ଯାହାକି, ମାର୍ଚ୍ଚଠାରୁ ମେ' ମାସ ପର୍ଯ୍ୟନ୍ତ ଜାରି ରହିବ। ତାହାପରେ ରାଜ୍ୟବ୍ୟାପୀ ମୌସୁମୀ ବର୍ଷା ଆରମ୍ଭ ହେବ ବୋଲି ମତବ୍ୟକ୍ତ କରିଛନ୍ତି ବରିଷ୍ଠ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ। ତେବେ ଚଳିତବର୍ଷ ଜୁନ୍‌ରେ ମୌସୁମୀ ରାଜ୍ୟରେ ମୌସୁମୀ ପ୍ରବେଶ ସାମାନ୍ୟ ବିଳମ୍ବ ହେବାର ସମ୍ଭାବନା ଥିଲେ ହେଁ ଜୁଲାଇରୁ ଅଗଷ୍ଟ ମାସ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ସ୍ୱାଭାବିକଠାରୁ ଅଧିକ ବର୍ଷା ସମ୍ଭାବନା ରହିଥିବା ଶ୍ରୀ ପଶୁପାଳ କହିଛନ୍ତି। ବିଶ୍ୱର ବିଭିନ୍ନ ଦେଶର ପାଣିପାଗ ସମ୍ପର୍କିତ ମଡେଲ ଆକଳନର ଫଳାଫଳକୁ ସମୀକ୍ଷା କରି ଶ୍ରୀ ପଶୁପାଳକ କହିଲେ ଯେ ଏନ୍‌ସୋ (ଏଲ୍‌ନିନୋ- ସଦର୍ନ ଓସିଲେସନ)କୁ ଆଖି ଆଗରେ ରଖି ମୌସୁମୀ ବର୍ଷାର ଆକଳନ କରାଯାଇଥାଏ। ସାଧାରଣତଃ ସମୁଦ୍ର ପଉନର ତାପମାତ୍ରା ଓ ବାହ୍ୟ ଚାପର ମିଶ୍ରଣରେ ଏନ୍‌ସୋର ଆକଳନ କରାଯାଇଥାଏ। ଏନ୍‌ସୋ ଚକ୍ରରେ ଏଲ୍‌ନିନୋ ଏବଂ ଲାନିନୋ ଦୁଇଟି ପରସ୍ପର ବିରୋଧୀ ପର୍ଯ୍ୟାୟ ଅଟନ୍ତି। ଏଲ୍‌ନିନୋ ଏନ୍‌ସୋ ଚକ୍ରର ଗରମ ପର୍ଯ୍ୟାୟ ହୋଇଥିବା ବେଳେ ଲାନିନୋ ଥଣ୍ଡା ପର୍ଯ୍ୟାୟ ହୋଇଥାଏ। ଯେଉଁ ବର୍ଷ ଏଲ୍‌ନିନୋର ମାତ୍ରା ଅଧିକ ରହିଥାଏ, ସେହିବର୍ଷ ମୌସୁମୀ ବର୍ଷା ସାଧାରଣତଃ କମ୍ ହୋଇଥାଏ। ଅନ୍ୟପକ୍ଷରେ ଲାନିନୋର ମାତ୍ରା ଅଧିକ ରହିଲେ ଏହା ପ୍ରତ୍ୟକ୍ଷ ଭାବେ ମୌସୁମୀ ବର୍ଷାକୁ ସ୍ୱାଭାବିକଠାରୁ ଅଧିକ କରିଥାଏ। ତେବେ ଯଦି ଏନ୍‌ସୋର ମାତ୍ରା ନ୍ୟୁଟ୍ରାଲ ରୁହେ ତେବେ ଉକ୍ତ ବର୍ଷ ସ୍ୱାଭାବିକ ମୌସୁମୀ ବର୍ଷା ହୋଇଥାଏ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ତେବେ ଉପରୋକ୍ତ ଉପାଦାନଗୁଡ଼ିକ ସମ୍ବନ୍ଧରେ ଆମେରିକା କଲମ୍ବିଆ ବିଶ୍ୱବିଦ୍ୟାଳୟସ୍ଥିତ ଆନ୍ତର୍ଜାତିକ ପାଣିପାଗ ଗବେଷଣା କେନ୍ଦ୍ର ପକ୍ଷରୁ ନିକଟରେ ପାଣିପାଗ ଆକଳନ ତଥ୍ୟ ପ୍ରକାଶ ପାଇଛି। ସେହିପରି ବିଶ୍ୱର ବିଭିନ୍ନ ଦେଶର ୧୮ଟି ନ୍ୟୁମେରିକାଲ ମଡେଲ ଓ ୮ଟି ଷ୍ଟାଟିଷ୍ଟିକାଲ ମଡେଲର ମଧ ବିଶ୍ଳେଷଣ କରାଯାଇଛି। ଉପରୋକ୍ତ ବିଶ୍ଳେଷଣରୁ ଜଣାପଡ଼ିଛି ଯେ ଚଳିତ ବର୍ଷ ମାର୍ଚ୍ଚ ପ୍ରାରମ୍ଭରେ ଏନ୍‌ସୋ ୬୦ ପ୍ରତିଶତ ନ୍ୟୁଟ୍ରାଲ ରହିଥିବା ବେଳେ ଏଲ୍‌ନିନୋ ୩୯ ପ୍ରତିଶତ ଏବଂ ଲାନିନୋ ୧ ପ୍ରତିଶତ ରହିଛି। ମାତ୍ର ମୌସୁମୀ ଯେତେ ପାଖେଇ ଆସିବ ଏଲ୍‌ନିନୋର ମାତ୍ରା କମିବା ସହ ଲାନିନୋର ପ୍ରତିଶତ ବଢ଼ି ବଢ଼ି ଚାଲିବ। ଜୁଲାଇ ବେଳକୁ ଲାନିନାର ପ୍ରତିଶତ ବଢ଼ିବା ସହ ଏନ୍‌ସୋ ମାତ୍ରା ୫୦ ପ୍ରତିଶତ ନ୍ୟୁଟ୍ରାଲ ରହିବ। ତେଣୁ ସ୍ୱାଭାବିକ ଭାବେ ଲାନିନୋର ପରିମାଣ ଅଧିକ ହେଲେ ପାଗ ମେଘୁଆ ହେବା ସହ ମୌସୁମୀ ବର୍ଷା ଅଧିକ ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ସେହିପରି ଜାପାନର ଏକ ବିଶ୍ୱାସଯୋଗ୍ୟ ପାଣିପାଗ ମଡେଲ ଅନୁଯାୟୀ ଇଣ୍ଡିଆନ ଓସନ୍ ଡାଇପୋଲ ମାର୍ଚ୍ଚଠାରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ବଢ଼ି ବଢ଼ି ଯିବ। ଫଳରେ ଚଳିତ ବର୍ଷ ରାଜ୍ୟରେ ଅଧିକ ମୌସୁମୀ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଚଳିତବର୍ଷ ପ୍ରାକ୍‌-ମୌସୁମୀ ବର୍ଷା କାରଣରୁ ରାଜ୍ୟରେ ଗରମର ପରିମାଣ ମଧ ସ୍ୱାଭାବିକଠାରୁ କମ୍ ରହିବ ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ଶୀତ ରାଜ୍ୟରେ ବିଳମ୍ବରେ ଆସିବା ନେଇ ପ୍ରଫେସର ପଶୁପାଳକ ଆକଳନ କରିଥିବା ବେଳେ ତାହା ସଠିକ୍ ସାବ୍ୟସ୍ତ ହୋଇଥିଲା।

## ଫେରିଲା ଶ୍ରୀଜଗନ୍ନାଥଙ୍କ ଟଙ୍କା



**ପୁରୀ :** ଶେଷରେ ସମସ୍ତ ଆଶା ଆଶଙ୍କାର ଅବସାନ ଘଟାଇ ୟେସ ବ୍ୟାଙ୍କରୁ ଫେରିଛି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମା ଅର୍ଥ। ଇ- ଟ୍ରାନ୍ସଫର ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କ ୩୯୭କୋଟି ୨୩ଲକ୍ଷ ୨୭ହଜାର ୬୩୬ଟଙ୍କା ଭାରତୀୟ ଷ୍ଟେଟବ୍ୟାଙ୍କର ପୁରୀ ମୁଖ୍ୟ ଶାଖାକୁ ଟ୍ରାନ୍ସଫର କରାଯାଇଛି। ଷ୍ଟେଟବ୍ୟାଙ୍କରେ ୟେସ ବ୍ୟାଙ୍କ ପକ୍ଷରୁ ମୂଳ ଜମା ୩୮୯କୋଟି ଟଙ୍କା ଓ ସୁଧ ବାବଦରେ ୮କୋଟି ୨୩ଲକ୍ଷ ଟଙ୍କା ଷ୍ଟେଟବ୍ୟାଙ୍କରେ ଜମା କରାଯାଇଛି। ୟେସ ବ୍ୟାଙ୍କ କର୍ତ୍ତୃପକ୍ଷ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏ ବିଷୟ ପତ୍ର ମାଧ୍ୟମରେ ଜଣାଇ ଦେଇଛନ୍ତି। ଏହି ଜମାର ଅବଧି ଶେଷ ହୋଇଯାଇଥିଲା। ଅବଶିଷ୍ଟ ୧୫୬କୋଟି ଟଙ୍କା ୨ଟି ସ୍ଥାୟୀ ଜମାର ମିଆଦ ମାର୍ଚ୍ଚ ୩୦ ତାରିଖରେ ପୂରିବ। ମାଚ୍ୟୁରିଟି ପରେ ଏହି ଅର୍ଥ ଫେରାଇ ଦିଆଯିବ ବୋଲି ୟେସ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ୟେସ ବ୍ୟାଙ୍କରେ ଥିବା ଶ୍ରୀମନ୍ଦିରର ଅର୍ଥ ଫେରାଇ ଅଣାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସକ(ଉନ୍ନୟନ) ଅଜୟ କୁମାର ଜେନା ସୂଚନା ଦେଇଥିଲେ। ସେହିପରି ଶ୍ରୀ ଜେନା କହିଛନ୍ତି ଯେ, ମହାପ୍ରଭୁଙ୍କ ଟଙ୍କା ୟୁନିୟନ ବ୍ୟାଙ୍କରେ ରହିବ। ସୂଚନାଯୋଗ୍ୟ ଯେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବଦଳରେ ଘରୋଇ ୟେସ ବ୍ୟାଙ୍କରେ ଶ୍ରୀମନ୍ଦିରର ଏତେ ବିପୁଳ ପରିମାଣର ଅର୍ଥ ଜମା କରାଯିବା ନେଇ ବିବାଦର ସୂତ୍ରପାତ ହୋଇଥିଲା। ସେବାୟତ, ସାମାଜିକ ସଂଗଠନର କର୍ମକର୍ତ୍ତା, ଭକ୍ତ ଓ ରାଜନୈତିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ୟେସ ବ୍ୟାଙ୍କ ଦେବାଳିଆ ସ୍ଥିତିରେ ପହଞ୍ଚିଥିବାରୁ ଏହି ଅର୍ଥ ମିଳିବା ନେଇ ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଇଥିଲା। ବିଧାନସଭାରେ ମଧ ଏହି ପ୍ରସଙ୍ଗକୁ ନେଇ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ବିଜେଡିର ସାଂସଦମାନେ ଏ ସଂକ୍ରାନ୍ତରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ସାକ୍ଷାତ କରିଥିଲେ। ତେବେ ମହାପ୍ରଭୁଙ୍କ ଅର୍ଥ ସୁରକ୍ଷିତ ରହିଛି ଓ ଯଥା ସମୟରେ ଏହି ଅର୍ଥ ମିଳିଯିବ ବୋଲି ଅର୍ଥମନ୍ତ୍ରୀ ଆଶ୍ୱାସନା ଦେଇଥିଲେ।

# କରୋନା ପାଇଁ ରେଳଭଡ଼ାରେ ରିହାତି ମନା



**ଭୁବନେଶ୍ୱର :** କରୋନା ପ୍ରଭାବରେ ରେଳଭଡ଼ା ରିହାତି ଉପରେ ରୋକ ଲଗାଇଛି ରେଳବିଭାଗ। କେବଳ ଜରୁରିକାଳୀନ ଯାତ୍ରାକୁ ବାଦ ଦେଇ ଅନ୍ୟ ସମସ୍ତ ଗସ୍ତରେ ପୂର୍ବରୁ ରେଳଭଡ଼ା କ୍ଷେତ୍ରରେ ମିଳୁଥିବା ରିହାତିକୁ ବନ୍ଦ କରିଦିଆଯାଇଛି। ଶୁକ୍ରବାରଠାରୁ ପୂର୍ବତଟ ରେଳବାଇ ସମେତ ସବୁ ଜୋନ୍‌ରେ ଏହି ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ଲାଗୁ କରାଯାଇଛି। କେବଳ ଛାତ୍ରଛାତ୍ରୀ, ୪ଟି ଶ୍ରେଣୀର ଭିନ୍ନକ୍ଷମ ବ୍ୟକ୍ତି ଓ ୧୧ଟି ଶ୍ରେଣୀର ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ରେଳଭଡ଼ାରେ ରିହାତି ମିଳିବ। ସିଆର୍‌ଆଇଏସ୍ ଓ ଆର୍‌ସିଟିସି ୱେବସାଇଟ୍‌ରେ ପୂର୍ବରୁ ରେଳସେବା ପାଇଁ ମିଳୁଥିବା ରେଳଭଡ଼ା ରିହାତିକୁ ଶୁକ୍ରବାରଠାରୁ ବନ୍ଦ କରାଯାଇଛି। ଅନ୍ୟପକ୍ଷରେ କେବଳ ଅତ୍ୟାବଶ୍ୟକ ସ୍ଥଳରେ ହିଁ ଯାତ୍ରୀମାନଙ୍କୁ ଗସ୍ତ କରିବା ପାଇଁ ନିବେଦନ କରାଯାଇଛି। ବିଶେଷ ଭାବେ ବରିଷ୍ଠ ନାଗରିକମାନଙ୍କୁ ରେଳଯାତ୍ରା କରିବା ପାଇଁ ମନା କରାଯାଇଛି। ପୂର୍ବତଟ ରେଳବାଇ ମଧ୍ୟରେ ଗସ୍ତ କରୁଥିବା ସ୍ୱତନ୍ତ୍ର ଓ ଅପେକ୍ଷାକୃତ ଭାବେ କମ୍ ଗହଳି ହେଉଥିବା ଟ୍ରେନସେବାକୁ ବାତିଲ କରାଯାଉଛି। କେବଳ ଗୁରୁତ୍ୱପୂର୍ଣ୍ଣ ସହର ଓ ଷ୍ଟେସନକୁ ଯୋଡୁଥିବା ଟ୍ରେନକୁ ହିଁ ଚାଲୁ ରଖାଯାଇଛି। ତେବେ ବାତିଲ ହେଉଥିବା ଟ୍ରେନ ପାଇଁ ପୂର୍ବରୁ ହୋଇଥିବା ବୁକିଂ ଟିକେଟର ଭଡ଼ାକୁ ସମ୍ପୂର୍ଣ୍ଣ ଭାବେ ଯାତ୍ରୀଙ୍କୁ ଫେରସ୍ତ କରିବା ଦିଗରେ ମଧ ପୂର୍ବତଟ ରେଳପଥ ପ୍ରୟାସ କରୁଛି। ତେବେ ଦେଶର ପ୍ରମୁଖ ଶିକ୍ଷାଅନୁଷ୍ଠାନଗୁଡ଼ିକ କରୋନୋ ପ୍ରଭାବରେ ବନ୍ଦ ହୋଇଥିବା ହେତୁ, ଛାତ୍ରଛାତ୍ରୀମାନେ ଟ୍ରେନଯାତ୍ରା କରୁଛନ୍ତି। ଉକ୍ତ ଛାତ୍ରଛାତ୍ରୀମାନଙ୍କ କ୍ଷେତ୍ରରେ ରେଳଭଡ଼ା ରିହାତି ବଳବତ୍ତର ରହିବ। ଅନ୍ୟପକ୍ଷରେ ଷ୍ଟେସନରେ ହେଉଥିବା ଅନାବଶ୍ୟକ ଗହଳିକୁ କମାଇବା ପାଇଁ ରେଳବିଭାଗ ପ୍ଲାଟ୍ ଫର୍ମ ଟିକେଟର ମୂଲ୍ୟକୁ ୫୦ ଟଙ୍କା କରିଛି। ଏହାବ୍ୟତୀତ ଜରୁରିକାଳୀନ ସ୍ଥିତିରେ ଯାତ୍ରା କରୁଥିବା ଯାତ୍ରୀଙ୍କ ସ୍ୱଚ୍ଛତା ପାଇଁ ରେଳବିଭାଗର ଯଥେଷ୍ଟ ପଦକ୍ଷେପ ନେଇଥିବା ହେତୁ ଏହାର ସୁବିଧା ଉଠାଇବା ପାଇଁ ଯାତ୍ରୀଙ୍କୁ ଅନୁରୋଧ କରାଯାଇଛି।

### ଜନ୍ମ-ମୃତ୍ୟୁ ପଞ୍ଜୀକରଣ ଆଇନର ଉଲ୍ଲଂଘନ

# ହାଇକୋର୍ଟଙ୍କ ଜବାବ ତଲବ

**କଟକ :** ଜନ୍ମମୃତ୍ୟୁ ପଞ୍ଜୀକରଣ ଆଇନର ଉଲ୍ଲଂଘନ ହେଉଥିବା ଅଭିଯୋଗ କରି ସାମ୍ବିଧାନିକ ବୈଧତାକୁ ଚାଲେଞ୍ଜ୍ କରି ରୁଜୁ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ନିମନ୍ତେ ଜନ୍ମ ମୃତ୍ୟୁ ପଞ୍ଜୀକରଣ ଆଇନ ୧୯୬୯ ରହିଛି। ରାଜ୍ୟ ସରକାର ଏହି ଆଇନକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ନୀତି ନିୟମ ପ୍ରଣୟନ କରିଛନ୍ତି। ତେବେ ରାଜ୍ୟରେ ଗତ ୨୦୦୧ ମସିହାରେ ପ୍ରଚଳନ କରାଯାଇଥିବା ଓଡ଼ିଶା ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଏଣ୍ଡ୍ ଡେଥ୍ ରୁଲ୍‌ସ୍ ଆଧାରରେ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ କରାଯାଉଛି। ଏହି ଆଇନର ଧାରା ୧୩(୩) ଅନୁସାରେ ଯଦି କୌଣସି ଜନ୍ମ ଅଥବା ମୃତ୍ୟୁର ପଞ୍ଜୀକରଣ ଘଟଣାର ୧ ବର୍ଷ ଭିତରେ ହୋଇନଥିବ ତେବେ ଏହି ଘଟଣାରେ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶ ପରେ ଜନ୍ମମୃତ୍ୟୁ ପଞ୍ଜୀକରଣ ହୋଇପାରିବ। ତେବେ କେତେକ କ୍ଷେତ୍ରରେ ମିସ୍ କେସ୍ ଆବେଦନ ଏବଂ ସାକ୍ଷୀଙ୍କ ସତ୍ୟପାଠ ଆଧାରରେ ହିତାଧିକାରୀଙ୍କୁ ନିୟମ ଉଲ୍ଲଂଘନ କରାଯାଇ ଜନ୍ମ ମୃତ୍ୟୁ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ଏହାର ଦୁରୁପଯୋଗ କରି ବିଭିନ୍ନ ପ୍ରକାରର ଲୋକମାନେ ଏହାର ଜମିଜମା ଖର୍ଦ୍ଦି ବିକ୍ରୀ ମଧ କରୁଛନ୍ତି। ଆବେଦନରେ କୁହାଯାଇଛି ଯେ ଜନ୍ମ- ମୃତ୍ୟୁର ବହୁ ବର୍ଷ ପରେ ପ୍ରମାଣପତ୍ର ପାଇଁ ଆବେଦନ କରାଯାଉଥିବାବେଳେ ଏ ସମ୍ପର୍କରେ ମାଜିଷ୍ଟ୍ରେଟ୍‌ଙ୍କ ଶୁଣାଣି କରାଯାଉନାହିଁ। ଏଭଳି ଘଟଣାରେ ମାଜିଷ୍ଟ୍ରେଟ୍‌ଙ୍କ ଶୁଣାଣି ଓ ନିର୍ଦ୍ଦେଶ ଆବଶ୍ୟକ ବୋଲି ମଧ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ଏଭଳି ପ୍ରସଙ୍ଗରେ ଆଇନର ଉଲଂଘନ କରାଯାଉଥିବାରୁ ଏ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଏହି ମାମଲାକୁ ଆଇନଜୀବୀ ଆନନ୍ଦ ଚନ୍ଦ୍ର ସ୍ୱାଇଁ ପରିଚାଳନା କରୁଛନ୍ତି।

# ବ୍ୟାଙ୍କ ଗୁଡ଼ିକୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି

**ଭୁବନେଶ୍ୱର :** କରୋନା ନେଇ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ବ୍ୟାଙ୍କଗୁଡ଼ିକୁ ବୁଧବାର ସ୍ୱତନ୍ତ୍ର ଗାଇଡଲାଇନ ଜାରି କରାଯାଇଛି। ଏ ନେଇ ଅର୍ଥ ବିଭାଗ ଚିଠି ଲେଖି ଏଟିଏମ୍ ଗୁଡ଼ିକରେ ଯଥେଷ୍ଟ ପରିମାଣର ଟଙ୍କା ଗଚ୍ଛିତ ରଖିବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। କରୋନା ସଚେତନତା ପାଇଁ ପ୍ରତି ଏଟିଏମ୍‌ରେ ସତର୍କ ସୂଚନା ଫଳକ ପ୍ରଦର୍ଶିତ କରିବା ଓ ଅଫିସ ସମୟରେ ବ୍ୟାଙ୍କ କର୍ମଚାରୀ ମାସ୍କ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବ୍ୟାଙ୍କରେ ଭିଡ଼ କମାଇବାକୁ ଅଧିକ ପରିମାଣରେ କାଉଣ୍ଟର ଖୋଲିବାକୁ ବି ଅର୍ଥ ବିଭାଗ ନିର୍ଦ୍ଦେଶ ଦେଇଛି। ଏଟିଏମ୍ ଭିତରକୁ ଜଣକ ପରେ ଜଣକୁ ଛଡ଼ାଯିବ। ବ୍ୟାଙ୍କଗୁଡ଼ିକ ଟଏଲେଟ୍ ଓ ୱାସ୍‌ରୁମରେ ପର୍ଯ୍ୟାପ୍ତ ପରିମାଣର ସାନିଟାଇଜର ଓ ସାବୁନ୍ ମହଜୁଦ ରଖିବେ। କରୋନା ପାଇଁ ରାଜ୍ୟରେ ଥିବା ସମସ୍ତ ଏଟିଏମ୍‌ଗୁଡ଼ିକୁ ସାନିଟାଇଜ୍ କରିବା ଲାଗି ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଆବାହକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଟିଏମ୍ କାଉଣ୍ଟରରେ ରହୁଥିବା ସୁରକ୍ଷା କର୍ମୀଙ୍କୁ ମଧ ସାନିଟାଇଜ୍ କରିବାକୁ କୁହାଯାଇଛି। ସାନିଟାଇଜେସନ୍ ଠିକ୍ ଭାବେ ହେଉଛି କି ନାହିଁ ତାହା ଓଏସ୍‌ଡମା କର୍ମଚାରୀ ତଦାରଖ କରିବେ। ଠିକ୍ ଭାବେ ହେଉନଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହା ବ୍ୟତୀତ ଆବଶ୍ୟକ ନଥିଲେ ଏଟିଏମ୍ ବ୍ୟବହାର ନକରିବାକୁ ଗ୍ରାହକଙ୍କୁ ଏସ୍‌ଏମ୍‌ଏସ୍ ଜରିଆରେ ବ୍ୟାଙ୍କ ସତର୍କ କରାଇବ। ଏହି ସମୟରେ ମୋବାଇଲ ଓ ଅନ୍‌ଲାଇନ୍ ବ୍ୟାଙ୍କିଂ ସେବା ଅଧିକ ବ୍ୟବହାର ଉପରେ ଗୁରୁତ୍ୱ ଦେବା ସହ ଗ୍ରାହକଙ୍କ ସୁବିଧା ପାଇଁ ପ୍ରତି ବ୍ୟାଙ୍କ ପକ୍ଷରୁ ସ୍ୱତନ୍ତ୍ର ଉତ୍ସର୍ଗୀକୃତ ଟେଲିଫୋନ୍ ସେବା ଉପଲବ୍ଧ କରାଇବାକୁ କୁହାଯାଇଛି।

# ୫୨ ଲକ୍ଷ ମେଟ୍ରିକ୍ ଟନ୍ ଖରିଫ ଧାନ ସଂଗ୍ରହ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଦ୍ୱାରା ଚଳିତ ଖରିଫ ନିମନ୍ତେ ୫୦ ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୧୯ତାରିଖ ସୁଦ୍ଧା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟରେ ରେକର୍ଡ ପରିମାଣର ଅର୍ଥାତ୍ ୫୧ଲକ୍ଷ ୯୨ ହଜାର ୯୩୩ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି। ଗତବର୍ଷ ମାର୍ଚ୍ଚ ୧୯ ତାରିଖ ସୁଦ୍ଧା ମୋଟ ୫୦ ଲକ୍ଷ ୪୪ ହଜାର ୩୭୫ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା। ଚଳିତବ ଧାନ ସଂଗ୍ରହ କାର୍ଯ୍ୟ ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ଚାଲିବ। ସମସ୍ତ ୩୦ଟି ଜିଲ୍ଲାରେ ୩୫୪୪ଟି ଧାନ ସଂଗ୍ରହ କେନ୍ଦ୍ରରେ ଚାଷୀମାନଙ୍କଠାରୁ ପି-ପାସ ଓ ଆଗୁଆ ଟୋକନ୍ ପ୍ରଦାନ ମାଧ୍ୟମରେ ଚଳିତ ଖରିଫ ଧାନ ସଂଗ୍ରହ କରାଯାଉଛି। ଏ ପର୍ଯ୍ୟନ୍ତ ୩୦ଟି ଜିଲ୍ଲାର ମୋଟ ୯ ଲକ୍ଷ ୩୨ ହଜାର ୯୯୦ ଜଣ ଚାଷୀ ଧାନ ସଂଗ୍ରହ କେନ୍ଦ୍ର ମାଧ୍ୟମରେ ୫୧ ଲକ୍ଷ ୯୨ ହଜାର ୯୩୩ ମେଟ୍ରିକ୍ ଟନ୍ ଧାନ ବିକ୍ରି କରି ସାରିଛନ୍ତି। ଗତବର୍ଷ ମାର୍ଚ୍ଚ ୧୯ ତାରିଖ ସୁଦ୍ଧା ୮ ଲକ୍ଷ ୪୮ହଜାର ୯୫୮ ଜଣ ଚାଷୀ ଧାନ ବିକ୍ରିର କରିଥିବାବେଳେ ଚଳିତବର୍ଷ ଅଧିକ ୮୪ ହଜାର ୩୨ ଜଣ ଚାଷୀ ଧାନ ବିକ୍ରିର କରିଛନ୍ତି। ଧାନ ସଂଗ୍ରହ ଅର୍ଥ ବାବଦକୁ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଗୁରୁବାର ସୁଦ୍ଧା ପ୍ରାୟ ୯୨୩୯ କାଟି ୬୭ ଲକ୍ଷ ଟଙ୍କା ହସ୍ତାନ୍ତର କରାଯାଇଛି। ଅଦ୍ୟାବଧି ଧାନସଂଗ୍ରହ ହାଇଥିବା ଜିଲ୍ଲା ଗୁଡ଼ିକ ମଧ୍ୟରେ ବରଗଡ଼ରେ ୬ ଲକ୍ଷ ୩୯ ହଜାର ୧୬୩ ଟନ୍, ବାଲେଶ୍ୱରରେ ୧ ଲକ୍ଷ ୮୬ ହଜାର ୨୧୪ ଟନ୍, ଭଦ୍ରକରେ ୨ ଲକ୍ଷ ୪ ହଜାର ୫୨ ଟନ୍, ବଲାଙ୍ଗିର ୩ ଲକ୍ଷ ୧୨ ହଜାର ୭୬୧ ଟନ୍, ବୌଦ୍ଧ ୧ ଲକ୍ଷ ୪୧ ହଜାର ୨୪୭ ଟନ୍, କଟକ ୧ ଲକ୍ଷ ୩୨ ହଜାର ୬୦ ଟନ୍, ଢେଙ୍କାନାଳ ୧ ଲକ୍ଷ ୨୦ ହଜାର ୮୪୮ ଟନ୍ , ଗଞ୍ଜାମ ୩ ଲକ୍ଷ ୫୮ ହଜାର ୯୩ ଟନ୍, ଜଗତସିଂହପୁର ୧ ଲକ୍ଷ ୧୫ ହଜାର ୧୮ ଟନ୍, ଯାଜପୁର ୧ ଲକ୍ଷ ୯ ହଜାର ୯୧୩ ଟନ୍, କଳାହାଣ୍ଡି ୪ ଲକ୍ଷ ୪୨ ହଜାର ୬୪୧ ଟନ୍, କେନ୍ଦୁଝର ୧ ଲକ୍ଷ ୧୭ ହଜାର ୭୬୨ ଟନ୍, ଖୋର୍ଦ୍ଧା ୧ ଲକ୍ଷ ୨୬ ହଜାର ୯୭୧ ଟନ୍, କୋରାପୁଟ ୨ ଲକ୍ଷ ୯୬୨ ଟନ୍, ମାଲକାନଗିରି ୧ ଲକ୍ଷ ୯ ହଜାର ୧୨୮ ଟନ୍, ମୟୂରଭଞ୍ଜ ୧ ଲକ୍ଷ ୨୫ ହଜାର ୧୮୦ ଟନ୍, ନବରଙ୍ଗପୁର ୧ ଲକ୍ଷ ୫୨ ହଜାର ୪୪୫ ଟନ୍, ନୟାଗଡ଼ ୧ ଲକ୍ଷ ୧୫ ହଜାର ୭୮୯ ଟନ୍, ନୂଆପଡ଼ା ୧ ଲକ୍ଷ ୨୫ ହଜାର ୩୩ ଟନ୍, ରାୟଗଡ଼ା ୧ ଲକ୍ଷ ୧୭ ହଜାର ୫୫୧ ଟନ୍, ସମ୍ବଲପୁର ୨ ଲକ୍ଷ ୯୭ ହଜାର ୮୮୫ ଟନ୍, ସୁବର୍ଣ୍ଣପୁର ୩ ଲକ୍ଷ ୨୮ ହଜାର ୯୧୬ ଟନ୍, ସୁନ୍ଦରଗଡ଼ ଜିଲ୍ଲାରୁ ୧ ଲକ୍ଷ ୭୭ ହଜାର ୭୯୬ ମେଟ୍ରିକ୍ ଟନ, ଅନୁଗୁଳ ୭୭ ହଜାର ୫୯୮ ଟନ୍, ଦେବଗଡ଼ ୪୮ ହଜାର ୪୫୭ ଟନ୍, ଗଜପତି ୫୦ ହଜାର ୬୦୪ ଟନ୍, ଝାରସୁଗୁଡ଼ା ୭୯ ହଜାର ୫୯୭ ଟନ୍, କନ୍ଧମାଳ ୯ ହଜାର ୮୫୬ ଟନ୍, କେନ୍ଦ୍ରାପଡ଼ା ୭୮ ହଜାର ୫୩୫ ଟନ୍ ଏବଂ ପୁରୀ ୯୦ ହଜାର ୮୬୦ ଟନ୍ ଧାନ ସଂଗ୍ରହ କରାଯାଇଛି।

### କରୋନାକୁ ଦୃଷ୍ଟିରେ ରଖି ବିଜେପି ପକ୍ଷରୁ ନିର୍ଦ୍ଦେଶନାମା ଜାରି

# 'କୌଣସି ସାମୂହିକ କାର୍ଯ୍ୟ କରାଯିବ ନାହିଁ'




**ଭୁବନେଶ୍ୱର :** କରୋନାକୁ ଦୃଷ୍ଟିରେ ରଖି ବିଜେପି ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ପ୍ରଧାନମନ୍ତ୍ରୀ ସଂସଦୀୟ ଦଳ ବୈଠକରେ କରୋନାକୁ ଦୃଷ୍ଟିରେ ରଖି ସମସ୍ତ ସାଂସଦମାନଙ୍କୁ ନିଜ ନିଜ କ୍ଷେତ୍ରରେ ଜନ ଆନ୍ଦୋଳନ ନକରିବା ପାଇଁ କହିବା ସହ କରୋନା ସଚେତନତା ନିର୍ଦ୍ଦେଶନାମାକୁ ନିଜ ନିଜ କ୍ଷେତ୍ରରେ କାର୍ଯ୍ୟାନ୍ୱୟନର ତଦାରଖ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କ ନିର୍ଦ୍ଦେଶ କ୍ରମେ ସାରା ଭାରତରେ ବିଜେପି ପକ୍ଷରୁ କୌଣସି ପ୍ରକାରର ଜନ ଆନ୍ଦୋଳନ, ଧାରଣା, ବିକ୍ଷୋଭ ପ୍ରଦର୍ଶନ କରାଯିବ ନାହିଁ। ସେହିପରି ଓଡିଶାରେ ସାମୂହିକ ଭାବେ ବିଜେପି ପକ୍ଷରୁ କୌଣସି ପ୍ରକାରର ଜନ ଆନ୍ଦୋଳନ, ଧାରଣା, ବିକ୍ଷୋଭ ପ୍ରଦର୍ଶନ ଆଦି କାର୍ଯ୍ୟକ୍ରମ କରାଯିବ ନାହିଁ। ଏହି ନିଷ୍ପତିକୁ ସମସ୍ତ ଜିଲ୍ଲା, ବ୍ଲକ ଏବଂ ମଣ୍ଡଳ ସ୍ତରରେ ଲାଗୁ କରାଯିବ। ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଏହି ନିଷ୍ପତିକୁ ଗ୍ରହଣ କରିବା ସହ କରୋନା ସଚେତନତା ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାର କାର୍ଯ୍ୟ କରିବେ। ଆମେ ସମସ୍ତେ ସର୍ତକ ରହି ସ୍ୱଚ୍ଛତାକୁ ଅବଲମ୍ବନ କରି କରୋନାକୁ ଦୂର କରିବାର ସଂକଳ୍ପ ନେବା ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ, କରୋନା ଭାଇରସ୍ ( କୋଭିଡ୍-୧୯ ) ବା କରୋନା ଭୂତାଣୁ ଚୀନ ଦେଶରୁ ଆରମ୍ଭ ହୋଇ ଏବେ ସମଗ୍ର ବିଶ୍ୱରେ ବ୍ୟାପକ ହେବା ସହିତ ମହାମାରୀର ରୂପ ନେଇଛି। ଏହି ଭୂତାଣୁର ସଂକ୍ରମଣକୁ ରୋକିବା ପାଇଁ ସାରା ବିଶ୍ୱର ସମସ୍ତ ଦେଶ ବିଭିନ୍ନ ପଦକ୍ଷେପମାନ ନେଇଛନ୍ତି। କେନ୍ଦ୍ର ସରକାର ଏ ଦିଗରେ ସଚେତନ ଥିବା କଥା ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ପ୍ରକାଶ କରିଛନ୍ତି ଏବଂ କେନ୍ଦ୍ର ସରକାରଙ୍କ ସମସ୍ତ ମନ୍ତ୍ରଣାଳୟ ତଥା ରାଜ୍ୟ ସରକାରମାନେ ସକ୍ରିୟ ପଦକ୍ଷେପ ନେଇ ଏ ଦିଗରେ କାର୍ଯ୍ୟକରୁଛନ୍ତି । ଦେଶର ଅଧିକାଂଶ ରାଜ୍ୟ ଏହି ମହାମାରୀର ସଂକ୍ରମଣକୁ ରୋକିବା ଲାଗି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ସିନେମା ହଲ, ମଲ, ସୁଇମିଂପୁଲ, ଜିମ୍ ପ୍ରଭୃତି ସାର୍ବଜନୀନ ସ୍ଥାନ ଗୁଡିକୁ କିଛିଦିନ ପାଇଁ ବନ୍ଦ କରିଦେଇଛନ୍ତି। ଭାରତ ସରକାର ବିଦେଶରୁ ଆସୁଥିବା ସମସ୍ତ ନାଗରିକମାନଙ୍କର ବିମାନ ଘାଟୀରେ ସ୍କ୍ରିନିଂ କରାଯାଉଛି । ଆବଶ୍ୟକତା ଅନୁସାରେ ସମସ୍ତଙ୍କୁ ମାସ୍କ, ସାନିଟାଇଜର୍ସ ଓ ଅନ୍ୟାନ୍ୟ ଆବଶ୍ୟକ ବସ୍ତୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଏହି କରେନା ଭୂତାଣୁର ସଂକ୍ରମଣକୁ ରୋକିବା ପାଇଁ ସବୁ କାର୍ଯ୍ୟକର୍ତ୍ତା ମାନେ ବୁଥସ୍ତର ପର୍ଯ୍ୟନ୍ତ ଜନଜାଗରଣ ଅଭିଯାନ କରିବେ। ଲିଫ୍‌ଲେଟ୍ ଏବଂ ବ୍ୟାନର ମାଧ୍ୟମରେ କରୋନା ସଂପର୍କରେ ଅବଗତ କରାଇବେ। ପ୍ରଦେଶ, ଜିଲ୍ଲା ଏବଂ ମଣ୍ଡଳସ୍ତର ପର୍ଯ୍ୟନ୍ତ ପଦାଧିକାରୀମାନେ, ଟିମ୍ ଗଢି କାର୍ଯ୍ୟ-ଯୋଜନା ପ୍ରସ୍ତୁତ କରିବେ ଓ ଜନଜାଗରଣ କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣ ରୂପେ ସଫଳ କରିବା ପାଇଁ ଚେଷ୍ଟା କରିବେ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। କରୋନା ସଂପର୍କିତ କୌଣସି ପ୍ରକାର ଅପପ୍ରଚାର ଦ୍ୱାରା ପ୍ରଭାବିତ ହୁଅନ୍ତୁ ନାହିଁ ଓ ଏଭଳି ଅପପ୍ରଚାରକାରୀଙ୍କ ପ୍ରତି ସତର୍କ ରୁହନ୍ତୁ। କେନ୍ଦ୍ର ସରକାର ସହାୟତା ପାଇଁ ଯୋଗାଯୋଗ ନିମନ୍ତ ଏକ ହେଲପ୍ ଲାଇନ୍ ନମ୍ବର (୦୧୧-୨୩୯୭୮୦୪୬) ଜାରି କରିଛନ୍ତି । ସେହିଭଳି ଇ-ମେଲ **ncov2019 @ gmail.com** ମାଧ୍ୟମରେ ମଧ ସୂଚନା ଦେଇପାରିବେ । ଏସବୁ ସୂଚନା ସବୁ ଲୋକଙ୍କ ପାଖରେ ପହଂଚାଇବାକୁ କାର୍ଯ୍ୟକର୍ତାମାନେ କାର୍ଯ୍ୟ କରିବେ। ପାର୍ଟିର ସମସ୍ତ ୟୁନିଟ୍ କରୋନା ଭୂତାଣୁର ସଂକ୍ରମଣକୁ ରୋକିବା ପାଇଁ ସକ୍ରିୟ ଭୂମିକା ଗ୍ରହଣ କରିବେ। କାର୍ଯ୍ୟକର୍ତାମାନେ ନିଜ ନିଜ ଭିତରେ ସଚେତନତା ବୃଦ୍ଧି କରିବା ସହିତ ସାଧାରଣ ଜନତାଙ୍କୁ ମଧ ସଚେତନ କରିବା ପାଇଁ ସହଯୋଗ କରିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

# ଡିଜି ଅଭୟଙ୍କ କାର୍ଯ୍ୟକାଳ ବୃଦ୍ଧି



**କଟକ :** ଡିଜି ଅଭୟଙ୍କ କାର୍ଯ୍ୟକାଳ ବୃଦ୍ଧି କଲେ ରାଜ୍ୟ ସରକାର। ୨୦୨୧ ଡିସେମ୍ବର ୩୧ଯାଏ କାର୍ଯ୍ୟକାଳ ବୃଦ୍ଧି ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୋଲିସ ଡିଜି ଭାବେ ଅଭୟ ଡିସେମ୍ବର, ୨୦୧୯ରେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୮୬ ବ୍ୟାଚ୍‌ର ଆଇପିଏସ୍ ଅଫିସର ଶ୍ରୀ ଅଭୟ ବିହାରର ପୂର୍ବ ଚମ୍ପାରନ ଜିଲ୍ଲାର ମୂଳ ବାସିନ୍ଦା। ଚାକିରି କାଳରେ ସେ ମୟୂରଭଞ୍ଜ, ବ୍ରହ୍ମପୁର, ମାଲକାନଗିରି ଜିଲ୍ଲାରେ ଏସ୍‌ପି ଭାବେ କାର୍ଯ୍ୟ କରିଛନ୍ତି। ୨୦୦୦ରୁ ୨୦୦୩ ମସିହା ପର୍ଯ୍ୟନ୍ତ ସିବିଆଇର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରିଛନ୍ତି। ଏହାପରେ ସେ ରାଜ୍ୟ ଭିଜିଲାନ୍ସରେ ଡିଆଇଜି, ଆଇଜି ଓ ପୋଲିସ ମୁଖ୍ୟାଳୟର ଆଇଜି (ଅର୍ଥ) ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ୨୦୦୭ ସେପ୍ଟେମ୍ବର ୮ ତାରିଖରୁ ୨୦୦୯ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ଦୁଇବର୍ଷ କମନୱେଲଥ୍ ଫଣ୍ଡ ଅଫ୍ ଟେକ୍ନିକାଲ କୋଅପରେସନ ଅନ୍ତର୍ଗତ ଇକୋନମିକ ଆଣ୍ଡ ଫାଇନାନ୍ସ କ୍ରାଇମ୍ କମିଶନ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍, ନାଇଜେରିଆରେ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ। ସେ ରାଜ୍ୟ ପୋଲିସ ବିଭାଗକୁ ଫେରି ପୋଲିସ ମୁଖ୍ୟାଳୟରେ ଆଇଜି (ପ୍ରଶାସନ), ଆଇଜି ସିଆଇଡି, କ୍ରାଇମ୍‌ବ୍ରାଞ୍ଚ, ଅତିରିକ୍ତ ଡିଜି ସିଆଇଡି, ଅତିରିକ୍ତ ନିର୍ଦ୍ଦେଶକ (ଆଇନ ଶୃଙ୍ଖଳା), ଅତିରିକ୍ତ ଡିଜି (ପର୍ସନାଲ), ଗୁଇନ୍ଦା ବିଭାଗର ନିର୍ଦ୍ଦେଶକ, ସରକାରୀ ଛାପାନାଖର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ପରେ ଶ୍ରୀ ଅଭୟ କେନ୍ଦ୍ରୀୟ ଡେପୁଟେସନରେ ଯାଇ ନୂଆଦିଲ୍ଲୀ ବିପିଆର୍ ଆଣ୍ଡ ଡିରେ ଅତିରିକ୍ତ ଡିଜି, ସିଆରପିଏଫ୍‌ରେ ଅତିରିକ୍ତ ଡିଜି (ପ୍ରଶିକ୍ଷଣ) ଭାବେ କାର୍ଯ୍ୟ ସମ୍ପାଦନ କରି ୨୦୧୮ ଜାନୁଆରୀ ୧ ତାରିଖରୁ ୨୦୧୮ ଜୁଲାଇ ୧୬ ତାରିଖ ପର୍ଯ୍ୟନ୍ତ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋର ଡିଜି ଏବଂ ୨୦୧୯ ଜୁଲାଇ ୧୭ ତାରିଖରୁ ହାଇଦ୍ରାବାଦଠାରେ ଥିବା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜାତୀୟ ପୋଲିସ ଏକାଡେମୀରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏହାପରେ ଡିସେମ୍ବର ମାସରେ ସେ ଓଡ଼ିଶା ପୋଲିସ ଡିଜି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୩ - ୨୯ ମାର୍ଚ୍ଚ, ୨୦୨୦

# ଉତ୍ତମ ପରାମର୍ଶ ଅମ୍ଳାନ ପରି

ସମ୍ପାଦକୀୟ

ତାରକ ମହାନ୍ତି



କୋଭିଡ-୧୯ ବା କରୋନା ଭାଇରସ ସମଗ୍ର ବିଶ୍ୱକୁ ଗୋଟେ ପ୍ରକାର ସ୍ତବ୍ଧ କରିଦେଇଛି। ଏଭଳି ବିପଦ ଖୁବ୍ କମ ଆସିଥାଏ। ଯଦିଓ ଏଥିପୂର୍ବରୁ ସ୍ୱାଇନ୍ ଫ୍ଲୁ ଭଳି ଅନେକ ଭୟାନକ ରୋଗ ବିଶ୍ୱବାସୀଙ୍କୁ ନିଜର ପରାକ୍ରମ ଦେଖାଇ ସାରିଛି। ହେଲେ କରୋନା ଭୂତାଣୁ ପରି ଏହା ଏକାବେଳେ ସାରା ବିଶ୍ୱକୁ ଡରାଇ ନଥିଲା। ଅନେକ ଭୂତାଣୁକୁ ପ୍ରତିହତ କରିବା ପାଇଁ ଚିକିତ୍ସା ବିଜ୍ଞାନୀମାନେ ଯେଭଳି ତ୍ୱରିତ ସଫଳତା ପାଇଥିଲେ ଏ କ୍ଷେତ୍ରରେ ଏହା ସମ୍ଭବପର ହୋଇପାରିନାହିଁ। ଯେଉଁ କେତୋଟି ଦେଶ କରୋନା ଭୂତାଣୁକୁ ବିନାଶ କରିବା ପାଇଁ ଔଷଧ ଉଦ୍ଭାବନ ଉପରେ ଗବେଷଣା ଚଳାଇଛନ୍ତି ସେମାନେ ଏଯାବତ୍ ସ୍ପଷ୍ଟ ଭାବେ ଘୋଷଣା କରିନାହାନ୍ତି ଯେ, କରୋନା ସମୂଳେ ବିନାଶ ହୋଇପାରିବ। ଯେଉଁଥିପାଇଁ ସବୁଠି ଚିନ୍ତା ବଢ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ରୋଗକୁ 'ଚାଇନିଜ୍ ଭୂତାଣୁ' କହିଥିଲା ବେଳେ ବାସ୍ତବରେ ଏହା ଚୀନ୍ ଦ୍ୱାରା ପ୍ରସ୍ତୁତ କି ନାହିଁ ତାହା ମଧ୍ୟ ସଠିକ୍ ଭାବେ ନିର୍ଦ୍ଧାରଣ ହୋଇନି। ବର୍ତ୍ତମାନ ପରିପ୍ରେକ୍ଷୀରେ ଚୀନ୍ ନିଜ ଦେଶରେ ଏହି ରୋଗକୁ ନିୟନ୍ତ୍ରଣରେ ରଖିଥିବା ଦାବି କରୁଥିଲା ବେଳେ ୟୁରୋପୀୟ ରାଷ୍ଟ୍ରମାନେ ଏଥିରୁ ମୁକ୍ତି ପାଇବା ପାଇଁ ସଂଘର୍ଷ ଜାରି ରଖିଛନ୍ତି। ତଥାପି ଇଟାଲୀ, ଜର୍ମାନୀ ଓ ଇରାନ ସ୍ଥିତି ଉଦ୍‌ବେଗଜନକ ରହିଛି। ସ୍ପେନ୍ ଓ ଫ୍ରାନ୍ସରେ ମଧ୍ୟ କରୋନାକୁ ନେଇ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଘାତକ କରୋନା ଭାଇରସ ଚୀନ୍‌ରୁ ଆରମ୍ଭ ହୋଇ ଏବେ ବିଶ୍ୱର ୧୬୨ରୁ ଊର୍ଦ୍ଧ୍ୱ ଦେଶକୁ କବଳିତ କରିସାରିଲାଣି। ଗତ ଡିସେମ୍ବର ମାସରେ ଚୀନ୍‌ରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଇତିମଧ୍ୟରେ ବିଶ୍ୱରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨ଲକ୍ଷରୁ ଅଧିକ। ଚୀନ୍‌ରେ ସ୍ଥିତି ସୁଧୁରୁଥିବା ବେଳେ ବିଶ୍ୱର ଅନେକ ରାଷ୍ଟ୍ରରେ ଏହାକୁ ନେଇ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି। କରୋନା ଜନିତ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଥିବା ବେଳେ କରୋନା ସଂକ୍ରମଣ ଯୋଗୁ ବିଶ୍ୱରେ ଅର୍ଥନୀତି ଏକପ୍ରକାର ଠପ୍ ହୋଇଯାଇଛି। ଚାରିଆଡେ ହାହାକାର ପରିସ୍ଥିତି। ଆମେରିକା, ସ୍ୱିଜରଲାଣ୍ଡ, ବ୍ରିଟେନ, ନେଦରଲାଣ୍ଡ, ବେଲଜିୟମ, ଜାପାନ, ସ୍ୱିଡେନ୍ ଭଳି ରାଷ୍ଟ୍ରରେ କରୋନା ଯେଭଳି ଆତଙ୍କ ସୃଷ୍ଟି କରିଛି ତାହାର ଅନେକ ପ୍ରଭାବ ଭାରତରେ ମଧ୍ୟ ଦେଖିବାକୁ ମିଳିଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜ୍ୟରେ କଡା ପଦକ୍ଷେପମାନ ନିଆଯାଉଛି। ଭାରତରେ କରୋନା ଭାଇରସ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବା ବେଳେ ଏହି ବିପଜ୍ଜନକ ରୋଗକୁ ନେଇ ଲୋକଙ୍କ ମନରେ ଭୟ ଦେଖାଦେଇଛି। ମହାମାରୀ କରୋନାର ମୁକାବିଲା କରିବା ପାଇଁ ଭାରତ ସରକାର ସବୁସ୍ତରରେ ଉଦ୍ୟମ ଜାରି ରଖିଛନ୍ତି। ଏହି କ୍ରମରେ ୧୦ଲକ୍ଷ ଅର୍ଦ୍ଧସାମରିକ ଯବାନଙ୍କ ଛୁଟି ମଧ୍ୟ ବାତିଲ କରିଦିଆଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ମେଡିକାଲ ୱିଙ୍ଗ୍ ପକ୍ଷରୁ ଯେଉଁ ନିର୍ଦ୍ଦେଶନାମା ଜାରି କରାଯାଇଛି, ଏଥିରେ କୁହାଯାଇଛି ଯେ, କରୋନା ଭାଇରସ ବ୍ୟାପିବା ପୂର୍ବରୁ ଏହାକୁ ରୋକିବା ପାଇଁ ଆମ ପାଖରେ ଆଉ ମାତ୍ର ୩ ସପ୍ତାହ ରହିଛି। ଏହି ସମୟରେ ଆମ ସମସ୍ତଙ୍କୁ ସଜାଗ ରହିବାକୁ ପଡିବ। ଭାରତର ଆଭ୍ୟନ୍ତରୀଣ ଓ ସୀମା ସୁରକ୍ଷା ପାଇଁ ଶକ୍ତିଶାଳୀ ସୁରକ୍ଷାବଳ ଦେଶକୁ ସୁରକ୍ଷିତ ରଖିବା ପାଇଁ କର୍ତ୍ତବ୍ୟରତ ରହିଛନ୍ତି। ଭାରତରେ କରୋନା ଭାଇରସର ଔଷଧ ପ୍ରସ୍ତୁତ କରିବାକୁ ଡ୍ରଗ କଣ୍ଟ୍ରୋଲ ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ମଞ୍ଜୁରି ମଧ୍ୟ ଦେଇସାରିଛନ୍ତି। ଏଥିଲାଗି ପ୍ରଥମେ ସ୍ୱିସ୍ କମ୍ପାନୀ ରୋଚେ ଡାଇଗ୍ନୋଷ୍ଟିକ୍ ଇଣ୍ଡିଆକୁ ଲାଇସେନ୍ସ ପ୍ରଦାନ କରାଯାଇଛି। ଏହାପୂର୍ବରୁ ସରକାର କରୋନା ଯାଞ୍ଚ କରିବାକୁ ଘରୋଇ ଡାଇଗ୍ନୋଷ୍ଟିକ୍ ସେଣ୍ଟରକୁ ମଧ୍ୟ ଅନୁମତି ଦେଇଥିଲେ। ପାକିସ୍ତାନ, ବାଂଲାଦେଶ, ମାଳଦ୍ୱୀପ, ମିଆଁମାର, ଦକ୍ଷିଣ ଆଫ୍ରିକା, ମାଡଗାସ୍କାର ପ୍ରଭୃତି ଦେଶରେ କରୋନା ମଧ୍ୟ ତା'ର କାୟା ବିସ୍ତାର କରିଚାଲିଛି।

ଏଭଳି ପରିସ୍ଥିତିରେ ଲୋକଙ୍କୁ ସତର୍କ ଓ ସଚେତନ ରହିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି। ପଞ୍ଚାୟତର ସବୁ ଲୋକଙ୍କୁ ଉଦ୍ଦେଶ୍ୟକରି ଲେଖିଥିବା ଚିଠିରେ ଜଣାଇଛନ୍ତି ଯେ, ପୂର୍ବରୁ ହାଡଫୁଟି ପରି ଭୟାନକ ରୋଗ ହେଉଥିଲା ଏବଂ ଊଣା ଅଧିକେ ସମସ୍ତେ ସେତେବେଳେ ସବୁଘରେ ପୀଡିତ ହେଉଥିଲେ। ଏବେ ସେହିପରି କରୋନା ରୋଗ ଆସିଛି। ହାଡଫୁଟି ପରି କରୋନା ପାଇଁ ମଧ୍ୟ କୌଣସି ଔଷଧ ନଥିବା ଏବଂ ହାଡଫୁଟି ପରି କରୋନା ଅତ୍ୟନ୍ତ ସଂକ୍ରମିତ ହୋଇଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ। ସଂକ୍ରମଣ ଠାରୁ ନିଜକୁ ଦୂରେଇ ରଖିବା ହେଉଛି ସବୁଠାରୁ ବଡ ସୁରକ୍ଷା ବୋଲି ଉଲ୍ଲେଖ କରିଛନ୍ତି ମୁଖ୍ୟମନ୍ତ୍ରୀ, ଏଥିସହିତ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ, ମା'ମାନେ ଯେଭଳି ହାଡଫୁଟି ପାଇଁ ସମସ୍ତଙ୍କୁ ୧୪ଦିନ ପର୍ଯ୍ୟନ୍ତ ଅଲଗା ରଖି ଘରେ ଯତ୍ନ ନେଉଥିଲେ କରୋନା ପାଇଁ ମଧ୍ୟ ସେହିପରି ବ୍ୟବସ୍ଥା କରିବାକୁ କହିଥିଲେ। ଘରେ ଅଲଗା ରହିବା ହିଁ ସବୁଠାରୁ ଉପଯୁକ୍ତ ଉପଚାର। କରୋନାକୁ ଭୟ ନକରି ନିଜେ ସତର୍କ ରହିବା, ସଚେତନ ରହିବା ଓ ପ୍ରସ୍ତୁତ ରହି ଏହାର ମୁକାବିଲା କରିବାକୁ ପଡିବ। କରୋନା ନିୟନ୍ତ୍ରଣ କରିବାକୁ ଓଡ଼ିଶା ସରକାର ଅନେକ ଆଗୁଆ ପଦକ୍ଷେପ ନେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ପଦକ୍ଷେପ ତଥା ମୁଖ୍ୟମନ୍ତ୍ରୀଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ତେବେ କରୋନା ଭୟରେ ସୁସ୍ଥ ବ୍ୟକ୍ତିମାନେ ମାସ୍କ କିଣିବାକୁ ଯେଭଳି ଧାଡି ଲଗାଉଛନ୍ତି ତାହା ଆଦୌ ଉଚିତ୍ ନୁହେଁ। କାରଣ ଯେଉଁମାନଙ୍କର ମାସ୍କ ନିତାନ୍ତ ଦରକାର ସେମାନଙ୍କୁ ଏହା ନ ମିଳିଲେ ଚିକିତ୍ସାରେ ଅବହେଳା ଘଟିବା ସହିତ କରୋନା ଭୂତାଣୁ ଚାରିଆଡକୁ ସଞ୍ଚରି ଯିବ। ଅନ୍ୟଏକ ଦିଗ ହେଲା ବହୁତ ଲୋକ ଗୋଟିଏ ଜିନିଷ କିଣିବାକୁ ଯେତେବେଳେ ଦାବି କରିବେ ସେତେବେଳେ ବଜାରରେ ଏହାର ଅଭାବ ସୃଷ୍ଟି ହେବ ଏବଂ କଳାବଜାରୀ ବ୍ୟବସାୟୀମାନେ ଏଥିରୁ ମୁନାଫା କମାଇବାକୁ ତତ୍ପର ହୋଇଉଠିବେ। ତେଣୁ ଗୋଟିଏ ବିପଦର ମୁକାବିଲା କରିବା ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ହୋଇଥିଲା ବେଳେ ଅନ୍ୟକୁ ଅସୁବିଧାରେ ପକାଇ ବଜାର ବ୍ୟବସ୍ଥାରେ ମିଛ ଆତଙ୍କ ସୃଷ୍ଟି କରିବା ଆଦୌ ବିଜ୍ଞତାର ପରିଚାୟକ ନୁହେଁ। କାରଣ ନିଜେ ବଞ୍ଚିବା ପାଇଁ ଆମେ ଯେଭଳି ପ୍ରତିଯୋଗିତା କରୁଛେ ଅନ୍ୟମାନଙ୍କ ପାଇଁ ମଧ୍ୟ ସେଭଳି କାର୍ଯ୍ୟ କରିବା ଦରକାର। ସମାଜ ବଞ୍ଚି ରହିଲେ ମଣିଷ ବଞ୍ଚି ରହେ। ସମାଜ ବ୍ୟବସ୍ଥାକୁ ଉଜାଡି ଦେଇ କେବଳ ବ୍ୟକ୍ତିଗତ ସ୍ୱାର୍ଥ ଚିନ୍ତାରେ ରହିବା ଫଳରେ ଏହାର କୁପ୍ରଭାବ ସମାଜ, ରାଜ୍ୟ, ଦେଶ ତଥା ବିଶ୍ୱ ଉପରେ ପଡିବ। ତେଣୁ ବିପଦ ବେଳେ ଅଧୈର୍ଯ୍ୟ ନହୋଇ କିଭଳି କରୋନା ଭୂତାଣୁକୁ ଦୂରେଇ ଦେଇପାରିବା ସେ ଦିଗରେ ସରକାରଙ୍କ ସହ ଆମକୁ କାନ୍ଧ ମିଳାଇବାକୁ ପଡିବ। ଅନ୍ୟଥା ଗୁଜବ ସୃଷ୍ଟି କରି ଲୋକଙ୍କ ମନରେ ଭୟ ସଞ୍ଚାର କରିବା ସର୍ବାଦୌ ଗ୍ରହଣୀୟ ନୁହେଁ। ତେଣୁ ପ୍ରତ୍ୟେକ ଦିନ କରୋନାକୁ ନେଇ ସରକାର, ସ୍ୱାସ୍ଥ୍ୟ ବିଭାଗ ଓ ଚିକିତ୍ସା ବିଜ୍ଞାନୀମାନେ ଯେଉଁ ଉପଦେଶ ଦେଉଛନ୍ତି ତାହା ପାଳନ କରିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ମାନିଲେ ଈଶ୍ୱର ଓ ନ ମାନିଲେ ପଥର ଭଳି ଉପେକ୍ଷା କରିଚାଲିଲେ ବିପଦରେ ସମସ୍ତେ ଘାଣ୍ଟିହେବା।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଦୁଃଖ ଅପ୍ରମିତ !

## ରବୀନ୍ଦ୍ର ନାଥ ମିଶ୍ର

*"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ*
*ଦେଖି ଅବା କେହି ସହୁ*
*ମୋ ଜୀବନ ପଛେ ନର୍କେ*
*ପଡ଼ିଥାଉ ଜଗତ ଉଦ୍ଧାର ହେଉ।"*

ସମଗ୍ର ବିଶ୍ୱର ଚେତନା ଜଗତକୁ ଉଦବୁଦ୍ଧ ତଥା ସମୃଦ୍ଧ କରିଥିବା ଶ୍ରେଷ୍ଠ ସମାଜ ବିଜ୍ଞାନୀ ସନ୍ଥକବି ଭୀମଭୋଇଙ୍କର ଏହି ଉକ୍ତିର ସାର୍ଥକତା ଓ ବିଚାର, ଆଜି କରୋନାତ୍ରସ୍ତ ବିଶ୍ୱବାସୀଙ୍କ ପାଇଁ ଏକ ମାର୍ଗଦର୍ଶକ। କରୋନା ମହାମାରୀ ଆଜି ବିଶ୍ୱର ସବୁଦେଶକୁ ଆତଙ୍କିତ ଅବସ୍ଥାକୁ ନେଇଯାଇଛି। ଧନୀ, ଗରୀବ, ବୃଦ୍ଧ, ଯୁବକ, ଶିଶୁ ସମସ୍ତଙ୍କୁ ଏହାର କବଳରେ କବଳିତ କରିବାରେ ଲାଗି ପଡିଛି। ସବୁ ଦେଶର ସାମାଜିକ, ଆର୍ଥିକ ଏବଂ ବ୍ୟବସ୍ଥାଗତ ଢ଼ାଂଚା ନଷ୍ଟ ହେବାରେ ଲାଗି ପଡିଛି। ଏହାର ଅର୍ଥ ଏହା ନୁହେଁ ଯେ ସମସ୍ତେ ନିଜ ନିଜ ସ୍ତରରେ ମୁକାବିଲାରେ ଲାଗି ପଡିଛନ୍ତି। ମହାମାରୀ ରୋକିବାର ସବୁଠାରୁ ପ୍ରକୃଷ୍ଟ ମାର୍ଗ ହେଉଛି ସାମାଜିକ ଚେତନାକୁ ଜାଗ୍ରତ କରିବା। ବ୍ୟକ୍ତିକୁ ନେଇ ଗୋଷ୍ଠୀ, ଗୋଷ୍ଠୀକୁ ନେଇ ସମାଜ। ସମାଜକୁ ନେଇ ଦେଶ ଓ ବିଶ୍ୱ। ବିଶ୍ୱର ଏହି ଘଡ଼ିସନ୍ଧି ସମୟରେ ପ୍ରତ୍ୟେକ ନାଗରିକର ଦାୟିତ୍ୱ ଓ କର୍ତବ୍ୟ ହେଉଛି ସମାଜକୁ ସାମାଜିକ ଚେତନା ସ୍ତରରେ ଜାଗ୍ରତ କରିବା ଓ ମୁକାବିଲା ପାଇଁ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ ସାମାଜିକ ନିରାପତା ପ୍ରଦାନ କରିବାକୁ ଭିତିଭୂମି ପ୍ରସ୍ତୁତ କରିବା, ଏଥିପାଇଁ ସହଯୋଗ କରିବା ଏବଂ "ଆମେ କରିପାରିବା" – ଏହି ବିଶ୍ୱାସ ଦୃଢ଼ତାର ସହିତ ସମାଜରେ ପ୍ରସାର କରିବା।

କରୋନା ମହାମାରୀ ପ୍ରତିହତ କରିବାରେ ପ୍ରୟୋଗାତ୍ମକ ଦୃଷ୍ଟିକୁ – ସଂକ୍ରମିତ ବ୍ୟକ୍ତି, ସମ୍ପର୍କରେ ଆସିଥିବା ବ୍ୟକ୍ତି, ପରିବାର ଏବଂ ଗୋଷ୍ଠୀକୁ ଅନ୍ୟମାନଙ୍କଠାରୁ ଦୂରତାରେ ରଖିବା ହେଉଛି ସବୁଠାରୁ ଭଲ ପ୍ରତିଷେଧକ ବ୍ୟବସ୍ଥା। ଏହାଦ୍ୱାରା ମହାମାରୀ ବ୍ୟାପିବାର ଶୃଙ୍ଖଳା ଭଙ୍ଗ ହୋଇଥାଏ ଏବଂ ମହାମାରୀ ଗୁରୁତର ହେବାରୁ ଲୋକଙ୍କୁ ରକ୍ଷା କରାଯାଇଥାଏ। ଚିକିତ୍ସା ତତ୍ୱ ଓ ସମାଜ ତତ୍ୱ ଦୃଷ୍ଟିରୁ ଏହାକୁ "ସୋସିଆଲ ଡିଷ୍ଟାନ୍ସିଂ" ବା ପରିମାପକ ଭାବରେ ଦୂରତ୍ୱ ବଜାୟ ରଖିବାର ଏକ ବ୍ୟବସ୍ଥା। ଏହି ବ୍ୟବସ୍ଥା ଦ୍ୱାରା ସଫଳ ଭାବରେ ମହାମାରୀର ବିସ୍ତାରକୁ ପ୍ରତିହତ କରିବାର ଏହା ଏକ ସଫଳ ପ୍ରୟାସ। ବ୍ୟକ୍ତି, ପରିବାର, ଗୋଷ୍ଠୀ ଓ ଶାସନ ବ୍ୟବସ୍ଥା ଏକ ମନ-ପ୍ରାଣ ହୋଇ ଏହାକୁ କାର୍ଯ୍ୟକାରୀ କଲେ ସଫଳତାର ହାର ଯଥେଷ୍ଟ ଅଧିକ। ଖାମଖିଆଲି ଭାବରେ ଏହାକୁ ନେଲେ ପରିସ୍ଥିତି ଭୟାବହ ହୋଇଥାଏ ବା ହେବାର ସମ୍ଭାବନା ବଢ଼ିଯାଏ। ତେଣୁ ଅନେକ ସମୟରେ ପ୍ରଶାସନ ଦ୍ୱାରା କଠୋର ନିଷ୍ପତି ନିଆଯାଇ ଗୋଷ୍ଠୀଗତ ଦୂରତାକୁ ବଜାୟ ରଖାଯାଏ। ମଣିଷ ଏକ ସାମାଜିକ ପ୍ରାଣୀ। ତେଣୁ ତାକୁ ସମାଜରୁ ଅଲଗା କରି ରଖିଲେ ଅନେକ ସମୟରେ ବହୁ ଗୁଡିଏ ନୂଆ ସମସ୍ୟା ସୃଷ୍ଟି ହୋଇଥାଏ। ରୋଗୀ, ପରିବାର ଓ ଗୋଷ୍ଠୀ ଦୀର୍ଘ ସମୟ ପାଇଁ ଗୃହବନ୍ଦୀ ସ୍ୱରୂପ ରହିଲେ ବ୍ୟବହାରିକ ଓ ଆବେଗିକ ମନସ୍ଥିତି ମଧ୍ୟ ଦେଇ ଗତି କରନ୍ତି। ତେଣୁ ସମାଜର ଆବଶ୍ୟକତା ଅନୁସାରେ ବାସ୍ତବିକ ଭାବରେ ସେମାନଙ୍କୁ ଅଲଗା ରଖିଲେ ମଧ୍ୟ ସମାଜରୁ ସେମାନଙ୍କୁ ଅଲଗା ରଖି ଆମେ ସାମାଜିକ ଜୀବନର ଯଥାର୍ଥ ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖି ପାରିବା ନାହିଁ। ତେଣୁ ସାମାଜିକ ଦୂରତା ସାମୟିକ ଭାବରେ ପ୍ରୟୋଗ କରି ଯେଉଁ ବ୍ୟବଧାନ ଆମେ ସୃଷ୍ଟି କରିବାକୁ ବାଧ ହୋଇଥାଉ, ସାମାଜିକ ଦୂରତ୍ୱକୁ ଆତ୍ମିକ ଓ ବାସ୍ତବିକ ଦୃଷ୍ଟିରୁ ଦୂର କରିବା ମଧ୍ୟ ବ୍ୟକ୍ତି, ଗୋଷ୍ଠୀ ଓ ସମାଜ ତଥା ଦେଶର ନୈତିକ ଦାୟିତ୍ୱ ଓ କର୍ତବ୍ୟ। ସାମାଜିକ ଦୂରତ୍ୱ ଯେମିତି ସେମାନଙ୍କୁ ବଂଚିବାର ମୌଳିକ ଆବଶ୍ୟକତାରୁ ବଂଚିତ ନ କରୁ – ତାହା ମଧ୍ୟ ଦେଖିବା ସମାଜର ଦାୟିତ୍ୱ। ଆମକୁ ସାମାଜିକ ଦୂରତା ସତ୍ତ୍ୱେ ସମାଜକୁ ଏକତା ସୂତ୍ରରେ ବାନ୍ଧି ରଖିବାକୁ ପଡ଼ିବ। କରୋନା ଆତଙ୍କର ବୈଶ୍ୱିକ ପରିପ୍ରେକ୍ଷୀରେ ଏବଂ ଭାରତରେ ଯେଉଁ ପରିସ୍ଥିତି ତାକୁ ରୋକିବାରେ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ସମୟୋଚିତ ଓ ଉତ୍କୃଷ୍ଟ ପଦକ୍ଷେପ ଗ୍ରହଣ କରିଛନ୍ତି ଓ କରୁଛନ୍ତି। ସାରା ଦେଶର ଡାକ୍ତର, ପାରା ମେଡିକାଲ କର୍ମୀ, ସେନାବାହିନୀ, ଅର୍ଦ୍ଧ-ସାମରିକ ବଳ, ଗଣମାଧ୍ୟମ, ବିଭିନ୍ନ ସାମାଜିକ ସଂଗଠନ ଓ ବୁଦ୍ଧିଜୀବୀ, ବିଭିନ୍ନ ବ୍ୟକ୍ତି, ଅନୁଷ୍ଠାନ, ଧାର୍ମିକ ସଂସ୍ଥା ଆଦି ଅନେକ ସମୁଚିତ ଓ ଦିଗନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ଫଳରେ ବହୁ ବିକଶିତ ଓ ଧନୀ ରାଷ୍ଟ୍ରମାନଙ୍କ ତୁଳନାରେ ଭାରତରେ ଏବେ ବି "କରୋନା" ନିୟନ୍ତ୍ରଣାଧୀନ। ଦେଶରେ ପରିଷ୍କାର ପରିଚ୍ଛନ୍ନତା ସଚେତନତାର ଏକ ନୂତନ ବାତାବରଣ ସୃଷ୍ଟି ହୋଇଛି। କିନ୍ତୁ ତଥାପି ଆମକୁ ଆହୁରି ସଜାଗ ହେବାକୁ ପଡ଼ିବ। ଗାଁ-ଗହଳି ଓ ମାଳ ଅଂଚଳର ସାଧାରଣ ମଣିଷ ଓ ଦିନ ମଜୁରିଆମାନଙ୍କୁ ଆମକୁ ଏଥିରେ ସାମିଲ କରିବାକୁ ପଡିବ। ଏଭଳି ଆନ୍ତର୍ଜାତୀୟ ଓ ଜାତୀୟ ବିପତି କାଳରେ ଆମକୁ ଏକ ମନ ପ୍ରାଣ ହୋଇ ପରିସ୍ଥିତିକୁ ସାମନା ଓ ମୁକାବିଲା କରବାକୁ ପଡିବ। ସମ୍ମୁଖ ଭାବରେ ରହି ଯେଉଁ ଯୋଦ୍ଧାମାନେ ନିଜ ଜୀବନକୁ ବାଜି ଲଗେଇ ଆମ ପାଇଁ ଲଢ଼ୁଛନ୍ତି ସେମାନଙ୍କ କାନ୍ଧରେ କାନ୍ଧ ମିଳାଇ ଆମକୁ ଲଢ଼ିବାକୁ ପଡିବ। ଆମ ସମାଜ ବ୍ୟବସ୍ଥାରେ ଥିବା ପ୍ରତ୍ୟେକ ତନ୍ତ୍ରର ସମୁଚିତ ଉପଦେଶ ଓ ଆଦେଶକୁ ନିଷ୍ଠାର ସହିତ ପାଳନ କରିବାକୁ ହେବ। ଆମକୁ ନିଜେ ବଂଚିବାକୁ ପଡ଼ିବ, ଅନ୍ୟକୁ ବଂଚାଇବାକୁ ପଡ଼ିବ। ଦେଶକୁ ବଂଚାଇବାକୁ ପଡିବ ଓ ବିଶ୍ୱକୁ ବି। ଆମ ଦେଶର ଶହେ ପଇଁତିରିଶ କୋଟି ଲୋକଙ୍କର ସୁରକ୍ଷା ନ ହୋଇ ପାରିଲେ ବିଶ୍ୱ ସୁରକ୍ଷିତ ହୋଇ ପାରିବ ନାହିଁ। ସେହି ପରି ବିଶ୍ୱ ସୁରକ୍ଷିତ ନହୋଇପାରିଲେ ଆମେ ମଧ୍ୟ ସୁରକ୍ଷିତ ରହି ପାରିବା ନାହିଁ। ପ୍ରତ୍ୟେକ ବ୍ୟକ୍ତି, ଗୋଷ୍ଠୀ ଓ ସମାଜର ଦୁଃଖ ଓ ଯନ୍ତ୍ରଣାକୁ ନିଜର ବୋଲି ଭାବିବାକୁ ପଡିବ ଏବଂ ତାର ନିବାରଣ ନିମନ୍ତେ ନିଜର ବ୍ୟକ୍ତିଗତ ସୁଖ-ସ୍ୱାଚ୍ଛନ୍ଦ୍ୟର ଓ ସ୍ୱାର୍ଥର ଉପରକୁ ଉଠି ଦେଶ ଓ ଜାତି ପ୍ରାଣରେ ସମତ୍ୱ ଓ ସାର୍ବଜନୀନ ପ୍ରୀତି ତଥା ପରସ୍ପରର ପରିପୂରକ ହେବାକୁ ପଡିବ। ନିଷ୍ଠା ଓ ଆତ୍ମୀୟତାର ସହ ନିର୍ଭିକ ଭାବରେ ଏ ମହାସମରରେ ଆମକୁ ଯୋଦ୍ଧି ହେବାକୁ ପଡିବ। ଆମକୁ "ବିଜୟୀ" ହେବାକୁ ପଡ଼ିବ। ଆମ ଭବିଷ୍ୟତ ବଂଶଧରମାନଙ୍କ ସୁରକ୍ଷିତ 'ଆସନ୍ତା କାଲି' ପାଇଁ ଆମକୁ ତ୍ୟାଗ ଓ ତପସ୍ୟା କରିବାକୁ ପଡିବ। ଅଜ୍ଞାନତା ଦୂର କରି ଜ୍ଞାନର ଆଲୋକ ବାଂଟିବାକୁ ପଡିବ। ଅସହାୟ ଆର୍ତ ଜନତାର ଦୁଃଖ ଓ ଯନ୍ତ୍ରଣାକୁ ନିଜର ଭାବି ସମ୍ବେଦନଶୀଳ ହେବାକୁ ହେବ। ପ୍ରକୃତିର ସନ୍ତୁଳନକୁ ନଷ୍ଟ ନ କରିବାକୁ ପଣ କରିବାକୁ ହେବ। ମଣିଷ ସୃଷ୍ଟିର ଶ୍ରେଷ୍ଠ ଜୀବନ ଭାବେ "ମଣିଷ ପଣିଆ"ର ପ୍ରତିଷ୍ଠା କରିବାକୁ ହେବ। ଆମେ ପାରିବା - ନିଶ୍ଚୟ ପାରିବା। ଆସନ୍ତା କାଲିର ସୁନ୍ଦର ପୃଥିବୀ ଆମ, ଆମ ଭବିଷ୍ୟତ ବଂଶଧରଙ୍କର। ତାକୁ ସରସ, ସୁନ୍ଦର ଓ ସୁରକ୍ଷିତ ରଖିବା। ବିଶ୍ୱାୟନ ପରିପ୍ରେକ୍ଷୀରେ ସାରା ବିଶ୍ୱକୁ ଆମର ପରିବାରରେ ପରିଣତ କରିଦେବା। ବ୍ୟକ୍ତିର ମଙ୍ଗଳ ହେଉ, ପରିବାରର ମଙ୍ଗଳ ହେଉ, ଗୋଷ୍ଠୀର ମଙ୍ଗଳ ହେଉ, ସମାଜ-ରାଷ୍ଟ୍ର-ବିଶ୍ୱର ମଙ୍ଗଳ ହେବ। ଚାଲନ୍ତୁ, ସମସ୍ତେ ମିଳିମିଶି ପରିସ୍ଥିତିର ମୁକାବିଲାରେ ଲାଗି ପଡିବା।

*ଅବସରପ୍ରାପ୍ତ ଉପମହାନିର୍ଦ୍ଦେଶକ*
*ଦୂରଦର୍ଶନ*
*ଦୂରଭାଷ : ୯୪୩୭୯୭୧୫୭୧*

# ଗ୍ରାମୀଣ ଏସ୍‌ଏଚ୍‌ଜି ସଚେତନ ନା ଅଚେତନ !

## ବିଶ୍ୱ ପ୍ରକାଶ ଦେବତା

ଗ୍ରାମୀଣ ମହିଳା ମାନଙ୍କ ଅର୍ଥନୀତିକୁ ସୁଦୃଢ଼ କରିବାକୁ ରାଜ୍ୟ ସରକାର ଅନେକ ବିକାଶଭିମୁଖୀ ଯୋଜନା ହାତକୁ ନେଇଛନ୍ତି। ରାଜ୍ୟରେ ସ୍ୱୟଂ ସହାୟକ ସଙ୍ଗଠନମାନେ ମହିଳା ଓ ଶିଶୁ କଲ୍ୟାଣ ବିଭାଗର କ୍ରାନ୍ତୀକାରୀ ଯୋଜନାରେ ସାମିଲ ହେଉଛନ୍ତି। ସରକାର ମାଗଣା ପୃଷ୍ଟିକର ଖାଦ୍ୟ ଏସ୍‌ଏଚ୍‌ଜି ଦ୍ୱାରା ବିକଶିତ କରୁଛନ୍ତି। ହେଲେ ଯାଦୁଆ ବିକୁଛି ଯାଦୁର ମଲମ ପରି ଯଦି ସ୍ୱୟଂ ସହାୟକ ସଙ୍ଗଠନର ସର୍ବେସର୍ବାମାନେ ସମାଜକୁ ସଚେତନ ନକରି ନିଜେ ଯଦି ଅଚେତନ ରାସ୍ତାରେ ଯାଆନ୍ତି ତାହାହେଲେ ଅବସ୍ଥା ଯାହା ହେବ ସମସ୍ତଙ୍କୁ ଜଣା। ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକରେ ଥିବା କେତେକ ଅଙ୍ଗନବାଡ଼ି କେନ୍ଦ୍ରକୁ ନିମ୍ନମାନର ଛତୁଆ ଯୋଗାଣ କରାଯାଉଥିବା ନେଇ ନିକଟରେ ଗୁରୁତର ଅଭିଯୋଗ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଉତ୍‌କ୍ଷିପ୍ତ କରିଛି। କିଛିଦିନ ତଳେ ରାଜ୍ୟ ସରକାର ମିଶନ ଶକ୍ତିକୁ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଭାବେ ଘୋଷିତ କରି ଗୁରୁଦାୟିତ୍ୱ ପ୍ରଦାନ କରିଛନ୍ତି।


ସେହିପରି ସୁଦକ୍ଷ ଓଡ଼ିଆ ଆଇଏଏସ ତଥା ଲୋକପ୍ରିୟ ପ୍ରଶାସିକା ସୁଜାତା କାର୍ତ୍ତିକେୟନ ଏହି ଦାୟିତ୍ୱରେ ରହିଛନ୍ତି। ରାଜ୍ୟରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପାଇଁ ତାଙ୍କ ଅବିରତ ନିଷ୍ଠାପର ଉଦ୍ୟମ ରାଜ୍ୟବାସୀଙ୍କୁ ଆନନ୍ଦିତ କରିଥିବାବେଳେ ସେହି ବିଭାଗର ତଳୁଆ କିଛି କର୍ମଚାରୀ ଓ ସ୍ୱୟଂ ସହାୟିକା ସଙ୍ଗଠନ ତଳ ସ୍ତରରେ ଏପରି ଜାଲିଆତି, ଅପମିଶ୍ରଣ ଓ ଦୁର୍ନୀତିଯୁକ୍ତ କାର୍ଯ୍ୟକ୍ରମ କରୁଛନ୍ତି ତାହା ସମ୍ମାନନୀୟା ସୁଜାତା କାର୍ତ୍ତିକେୟନଙ୍କ ବିଭାଗକୁ ଅପନିନ୍ଦିତ କରୁଛି। ଅଭିଯୋଗକ୍ରମେ ବଡ଼ଚଣା ବ୍ଲକର କିଛି ନିର୍ଦ୍ଦିଷ୍ଟ ସ୍ୱୟଂ ସହାୟକ ସଙ୍ଗଠନ ଦୁର୍ନୀତିରେ ଲଟପଟ ହୋଇ ରାଜ୍ୟ ସରକାରଙ୍କ ପ୍ରଶଂସନୀୟ କାର୍ଯ୍ୟକ୍ରମରେ ପାଣି ଢ଼ାଳୁଛନ୍ତି। ମିଶନ ଶକ୍ତି ଜରିଆରେ ଏସ୍‌ଏଚ୍‌ଜି ଦ୍ୱାରା ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରକୁ ଛତୁଆ ଯୋଗାଇ ଦିଆଯାଉଛି। କିନ୍ତୁ ଏହି ଛତୁଆର ମାନ ଯାଞ୍ଚ ହେଉଛି କି ନାହିଁ ତାହା ମାଆ ଗଙ୍ଗେଇକୁ ଜଣା। କିନ୍ତୁ ଏହି ଛତୁଆର ମାନ ଯାଞ୍ଚ କରାଯାଉନାହିଁ। ସରକାରଙ୍କ କଡ଼ା ନିର୍ଦ୍ଦେଶ ରହିଛି ପ୍ରସ୍ତୁତ ଛତୁଆରେ ଗର୍ଭବତୀ ମହିଳା ଓ ଶିଶୁଙ୍କ ପାଇଁ ଭିନ୍ନ ଭିନ୍ନ ରଙ୍ଗର ଓ ପ୍ୟାକେଟରେ କେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ ଲେଖା ଥିବାର କଡ଼ାକଡ଼ି ରହିଛି। ତେବେ ଜାଲିଆତି ଓ ଟଙ୍କା ଫୋପାଡ଼ି ଦାଦାଗିରି ଦେଖାଉଥିବା ବଡ଼ଚଣା ବ୍ଲକର ମା'ସନ୍ତୋଷୀ ନାମକ ଏକ ଏସ୍‌ଏଚ୍‌ଜି ଗୋଷ୍ଠୀ ଯେଉଁ କାର୍ଯ୍ୟକ୍ରମ କରୁଛି ତାହା ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ଓ ଆଶଙ୍କା ସୃଷ୍ଟି କରିଛି। ସୂଚନାଥାଉକି ଏହି ଏସ୍‌ଏଚ୍‌ଜି ପୂର୍ବରୁ ମଝିପଡ଼ା ସେକ୍ଟର ପଞ୍ଚାୟତ ଯଥା ବଡ଼ବାଲିକୁଦା, ଚାରିନଙ୍ଗଳ, ଅଚ୍ୟୁତବସନ୍ତ ସେକ୍ଟର ଆଦି ଅଞ୍ଚଳକୁ ଛତୁଆ ଯୋଗାଉ ଥିବାବେଳେ ଏବେ ଛତିଆ ସେକ୍ଟରର ବଡ଼ଚଣା, କୁନ୍ଦଳ ଆଦି ସେକ୍ଟରର ବାରଟି ପଞ୍ଚାୟତକୁ ଛତୁଆ ଯୋଗାଉଥିବା ଜଣାଯାଇଛି। ଗୋଟିଏ ହଳଦିଆ ରଙ୍ଗର ଜରିରେ ମାଆ ଓ ଶିଶୁଙ୍କୁ ଛତୁଆ ଯୋଗାଉ ଥିବାରୁ ଅଙ୍ଗନବାଡ଼ି କର୍ମୀମାନେ କାହାକୁ କେଉଁ ଛତୁଆ ଦେବେ ସେ ନେଇ ଦ୍ୱନ୍ଦରେ ପଡ଼ିଛନ୍ତି। ସରକାରୀ ଘୋଷିତ ମାର୍ଗଦର୍ଶିକାରେ ଶିଶୁମାନଙ୍କ ପାଇଁ ଦୁଇକେଜି ପାଞ୍ଚଗ୍ରାମର ବ୍ଲୁରଙ୍ଗର ପ୍ୟାକେଟରେ ଗହମ ବାରଶହ ପଚାଶ, ସୋଲା ଦୁଇଶହ ପଚାଶ, ବାଦାମ ଶହେସତାଅଶୀ ଦଶମିକ ପାଞ୍ଚଗ୍ରାମ, ଚିନି ତିନିଶହ ବାର ଦଶମିକ ପାଞ୍ଚଗ୍ରାମ ରହିବାର ନିୟମ ରହିଛି। ଗର୍ଭବତୀ ମାଆ ମାନଙ୍କ ପାଇଁ ଦୁଇକେଜି ପଚିଶ ଗ୍ରାମ ହଳଦିଆ ରଙ୍ଗର ପ୍ୟାକେଟରେ ଗହମ ପନ୍ଦରଶହ ଏକତିରିଶ ଦଶମିକ ପଚିଶ ଗ୍ରାମ, ସୋଲା ଦୁଇଶହ ଅଣତିରିଶ ଦଶମିକ ଅଣସ୍ତୋରି, ବୁଟ ତିନିଶହ ଛଅ ଦଶମିକ ପଚିଶ ଗ୍ରାମ, ଚିନି ତିନିଶହ ସତାଅଶୀ ଦଶମିକ ଏକାଅଶୀ ଗ୍ରାମ ରହିବାର ନିୟମ ରହିଥିବାବେଳେ ଏହି ମା'ସନ୍ତୋଷୀ ସ୍ୱୟଂ ସହାୟକ ସଙ୍ଗଠନ ନିୟମକୁ ଦଳିମକ୍‌ଚି ନିଜ ସୁବିଧା ପାଇଁ ପକେଟ ଗରମ କରିବାକୁ ଛତୁଆ ପ୍ରସ୍ତୁତ କରି ଗୋଟିଏ ପ୍ରକାର ପ୍ୟାକେଟରେ ଯୋଗାଇ ଦେଉଛନ୍ତି। ସବୁଠାରୁ ସାଂଘାତିକ ଅଭିଯୋଗ ହେଉଛି ଖାଦ୍ୟ ଅପମିଶ୍ରଣ ଆଇନକୁ ନେଇ ବିଭିନ୍ନ ସମୟରେ ମାନ୍ୟବର ହାଇକୋର୍ଟ ଓ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରି କଡ଼ାକଡ଼ି ଆଇନ ପ୍ରଣୟନ କରିଛନ୍ତି। ତେବେ ରାଜନୈତିକ ନେତା, କୁଜି ଟାଉଟର ଓ ଅସାଧୁ ଗୋଷ୍ଠୀର ସାହାଯ୍ୟ ନେଇ ରାଜ୍ୟର ଏହିପରି କିଛି ସ୍ୱୟଂ ସହାୟକ ସଙ୍ଗଠନ ମହିଳା ଓ ଶିଶୁମାରଣ ନୀତି ହାତକୁ ନେଇଛନ୍ତି। ଯଦୁକୁଳ ଧ୍ୱଂସ ପରି ଏହିପରି ନିଷ୍ପାପ ଶିଶୁମାନଙ୍କ ଜୀବନ ସହିତ ଖେଳୁଥିବା ସଙ୍ଗଠନ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଅତ୍ୟନ୍ତ ଜରୁରୀ। ଏହି ମା'ସନୋଷୀ ସ୍ୱୟଂ ସହାୟକ ଗୋଷ୍ଠୀର ମୁଖିଆ ସଂଗ୍ରାମ ସାମଲ ଓରଫ୍ ମିଟୁ ମାଫିଆ ମାନଙ୍କୁ ହାତବାରିସୀ କରି ମନ୍ତ୍ରୀଙ୍କୁ ଟଙ୍କା ଦେଇ ଛାଡିପିଟି କାମ ପାଇଛି ବୋଲି ଖୋଲା ଧମକ ଦେଇ ପଇସା ଉଠାଇବାକୁ ଆମକୁ ଉପରୁ ଅର୍ଡ଼ର ମିଳିଛି ବୋଲି ପ୍ରକାଶ୍ୟରେ ଧମକ ଦେଉଛନ୍ତି। ଏହି କାଳବେଶଧାରୀ ଛତୁଆ ଡ଼କାୟତ ଅହରହ ମଦପିଇ ଉତ୍‌ପାତ କରନ୍ତି। ସରକାରୀ କାର୍ଯ୍ୟାଳୟରେ ଅଧିକାରୀମାନଙ୍କୁ ଦୁର୍ବ୍ୟବହାର କରିବାସହ କିଛି ଦିନତଳେ ଜଣେ ସିଡିପିଓଙ୍କୁ ମଦ ପିଇ ଅସଭ୍ୟ ଭାଷାରେ ଶୋଦାଶୋଦି କରିଥିଲେ। ଏହି ମହାଶୟଙ୍କ ବାପା ଜଣେ ଶିକ୍ଷକ ହୋଇ ମଧ୍ୟ ଧାନ ବେପାରରେ ସମୟ ବିତାଇଥାନ୍ତି। ଯାଜପୁର ଜିଲ୍ଲାର କରିତ୍‌କର୍ମା ଜିଲ୍ଲାପାଳ ନିଜ ଜିଲ୍ଲାପାଳ କାର୍ଯ୍ୟ ସୀମା ଭିତରେ ଖବର କାଗଜରେ ଲେଖାଲେଖିବା ଓ ଟଙ୍କା ଦେଇ ସଙ୍ଗୀତ ସିଡ଼ି ତିଆରି କରିବାରେ ବ୍ୟସ୍ତ। ମୌସଉରୀ ଆଇଏଏସ୍ ଟ୍ରେନିଂ ସେଣ୍ଟରରେ ବଡ଼ ପୁରସ୍କାର ପାଇ ଗଣମାଧ୍ୟମକୁ ଯେନତେନ ପ୍ରକାରେ ନିଜ ଫଟୋ ଛାପି ପ୍ରଶଂସା ସାଉଁଟିବାରେ ବ୍ୟସ୍ତ ଥିବାବେଳେ ପ୍ରଶାସନିକ କାର୍ଯ୍ୟ ଦେଖିବାକୁ ତାଙ୍କ ପାଖରେ ସମୟ ନଥାଏ। ତାଙ୍କର କେବଳ ମୁଖ୍ୟ କାର୍ଯ୍ୟ ହେଉଛି ଯାଜପୁର ଜିଲ୍ଲାର ସମସ୍ତ ସ୍ୱୟଂ ସହାୟକ ସଙ୍ଗଠନ ଠାରୁ ମାସିକିଆ ବଟି ଆଦାୟ କରିବା। ରାଜନୀତିର ସବୁଠାରୁ ସ୍ୱର୍ଣ୍ଣକାତର ଜିଲ୍ଲା ଭାବେ ପରିଚିତ ଯାଜପୁର ଜିଲ୍ଲାରେ ଜିଲ୍ଲାପାଳ ରଞ୍ଜନ କୁମାର ଦାସ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ପଣ୍ଡାଙ୍କୁ ପଇସା ଦେଇ ଏହିପରି କିଛି ଛତୁଆ ମାଫିଆ ଅପମିଶ୍ରଣ କରିବାରେ ମାହିର। ଯାଜପୁର ଜିଲ୍ଲାପାଳ ରଞ୍ଜନ କୁମାର ଦାସ ଓ ମା'ସନ୍ତୋଷୀ ଏସ୍‌ଏଚ୍‌ଜିର ମିଟୁଙ୍କ ଭିତରେ ଅସାଧୁ ସମ୍ପର୍କ ଜଡ଼ାତେଲ ମେଣ୍ଢାବାଳ ପରି। ଯାଜପୁର ଜିଲ୍ଲାପାଳକୁ ସିଏ କେତେ ଟଙ୍କା ଦିଅନ୍ତି ତାର ପ୍ରାମାଣିକ ରେକର୍ଡ଼ିଂ କିଛି ଦିନ ତଳେ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ରାଜ୍ୟରେ ମିଶନ ଶକ୍ତି ଯୋଜନାକୁ ବାଟବଣା କରିବା ସହ ସମ୍ଭବତଃ ବିରୋଧୀ ଗୋଷ୍ଠୀ ସହ ହାତ ମିଳାଇ ସରକାରଙ୍କୁ ଅଡୁଆରେ ପକାଇବାକୁ କିଛି ଗୋଷ୍ଠୀ ଯେଉଁ ଉଦ୍ୟମ କରୁଛନ୍ତି ତାହା ଆଗାମୀ ସମୟରେ ଯେଉଁପରି ପରିସ୍ଥିତି ସୃଷ୍ଟି କରିବ ତାହା ପାଇଁ ପ୍ରଶାସନ ଦାୟୀ ରହିବ ତ ? ଓଡ଼ିଶାର ସରକାର ଓ ବିଜେଡ଼ି ଦଳ ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ସର୍ବଭାରତୀୟ ସ୍ତରରେ ଢ଼େର ପ୍ରଂଶସନୀୟ ଯୋଜନା କରି ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଉଥିବା ବେଳେ ଢ଼ୋଲ ଭିତରେ ମୂଷାପରି ଏହି ମାନଙ୍କ ଯୋଜନା ସରକାରଙ୍କୁ ବହୁମୂଲ୍ୟ ଦେବାକୁ ବାଧ କରିବ। ମିଶନ ଶକ୍ତି ବିଭାଗ ଲୋକପ୍ରିୟ ହେଉ, ସରକାରୀ ଯୋଜନା ତଳସ୍ତରରେ ପହଞ୍ଚି ଲୋକମାନଙ୍କ କଲ୍ୟାଣକରୁ ଏହା ହିଁ କାମନା।

*ମାନବାଧିକାର କର୍ମୀ*
*୧୪ ସୂର୍ଯ୍ୟବିହାର, ଭୁବନେଶ୍ୱର*

### ଶାନ୍ତି :-

ବ୍ୟକ୍ତି ପୂର୍ବର ରହିବା ବାଲା ହେଉ କି ପଶ୍ଚିମର, ଗୋରା ହେଉ କି କଳା ପ୍ରତ୍ୟେକ ନିଜ ଜୀବନରେ ଶାନ୍ତିର କାମନା କରିଥାନ୍ତି। 'ବୁଦ୍ଧି ତୁ ସାରଥି ବିଦ୍ଧି' - ବୁଦ୍ଧି ହେଉଛି ସାରଥି। ଯାହାର ବୁଦ୍ଧି ନିୟନ୍ତ୍ରରେ ନାହିଁ ତାହାକୁ ଶାନ୍ତି କେଉଁଠାରୁ ମିଳିବ ? ଯେମିତି ମଦ ପିଇ ଗାଡି ଚଳାଇଲେ ଅସୁବିଧା ଠିକ୍ ସେପରି ନିକୃଷ୍ଟ ବୁଦ୍ଧି ସହ ଜୀବନର ଗାଡି ଚଳାଇଲେ ଶାନ୍ତି ମିଳିବ କିପରି ? ଯେଉଁ ବ୍ୟକ୍ତିର ହୃଦୟରେ ସରଳତାର ଅଭାବ, ସଦ୍‌ଭାବନା ବିହିନ, କରୁଣା, ପ୍ରେମ ଅଭାବ ଏଭଳି ବ୍ୟକ୍ତିଙ୍କୁ ଜୀବନରେ ଶାନ୍ତି ମିଳି ନଥାଏ। ତେଣୁ ଜୀବନକୁ ଶାନ୍ତିର ମାର୍ଗରେ ଚଳାଇବା ପାଇଁ ଶୁଦ୍ଧ ବୁଦ୍ଧି ସହିତ ହୃଦୟରେ ସଦ୍‌ଭାବନା, କରୁଣା, ପ୍ରେମ ଇତ୍ୟାଦିର ଆବଶ୍ୟକତା ରହିଛି। ଘରେ ଯଦି ୧୦୦ ବୋଲ୍ଟ ବଲ୍‌ବ ଲଗାଯାଇଥାଏ ଏବଂ ହାଇ ଭୋଲ୍ଟେଜ୍ ଆସିଯାଏ ତେବେ ବଲ୍‌ବ ଇତ୍ୟାଦି ନିଶ୍ଚିତ ଭାବେ ଫ୍ୟୁଜ୍ ହୋଇଯାଇଥାଏ। କାରଣ ଅତ୍ୟଧିକ ଶକ୍ତିକୁ ସହନ କରିବାର କ୍ଷମତାର ଅଭାବ ଥିଲା। ସେଥିପାଇଁ ଆମେ ବିଦ୍ୟୁତ୍ ପାୱାରକୁ କଣ୍ଟ୍ରୋଲ କରିବା ପାଇଁ ଷ୍ଟାବଲାଇଜରର ବ୍ୟବହାର କରିଥାଉ। ଠିକ୍ ସେହିପରି ଶୁଦ୍ଧ ବୁଦ୍ଧି ଦ୍ୱାରା ନିଜକୁ ଅବିଚଳିତ ରଖି ଆମେ ପ୍ରତ୍ୟେକ ପରିସ୍ଥିତିର ସାମ୍ନା କରିପାରିବା ଓ ଶାନ୍ତି ପାଇପାରିବା। ଗୀତାରେ ଭଗବାନ କହିଛନ୍ତି :-

ଆପୂର୍ଯ୍ୟମାଣମଚଳ ପ୍ରତିଷ୍ଠଂ ସମୁଦ୍ରମାପଃ ପ୍ରବିଶନ୍ତିଧ୍ୟଦ୍।
ତଦ୍ୱତ୍‌କାମାୟଂ ପ୍ରବିଶନ୍ତି ସର୍ବେ ସ ଶାନ୍ତି ମାପ୍ନୋତି ନ କାମକାମୀ।।



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

ଦୈବୀ ସମ୍ପଦା

ଅନୁବାଦ- ଉପାଳୀ ଦାଶ



ଅନେକ ନଦୀ, ନାଳର ପାଣି ସମୁଦ୍ରରେ ପଡିଥାଏ ପରନ୍ତୁ ସମୁଦ୍ରର ଜୁଆର ଭଟ୍ଟା ଉପରେ କୌଣସି ପ୍ରଭାବ ପଡି ନଥାଏ। ଯେଉଁ ବ୍ୟକ୍ତି ସ୍ଥିର ବୁଦ୍ଧି ସମ୍ପନ୍ନ ତଥା ନିୟନ୍ତ୍ରିତ ବୁଦ୍ଧି ଓ ସନ୍ତୁଳିତ ବୁଦ୍ଧିର ଅଟନ୍ତି ତାଙ୍କ ମଧ୍ୟରେ କୌଣସି ପ୍ରକାର ଭୋଗର କାମନା ନଥାଏ। ଭୋଗ ପ୍ରାପ୍ତ ହେଲେ ମଧ୍ୟ ବିକାର ନଥାଏ ସେହି ବ୍ୟକ୍ତି ଶାନ୍ତିକୁ ପ୍ରାପ୍ତ କରିଥାନ୍ତି। ଅର୍ଥାତ୍ ଶ୍ରୀକୃଷ୍ଣ କହିବା ଅନୁସାରେ ଯେଉଁ ବ୍ୟକ୍ତିର କାମନା ନଥାଏ ଯିଏ ମମତା ରହିତ ଓ ଅହଂକାର ଶୂନ୍ୟ ସେ ପରମ ଶାନ୍ତିର ଭୋକ୍ତା ଅଟନ୍ତି।

ଅଶାନ୍ତ ପୁରୁଷର ଶ୍ରେଷ୍ଠ ଉଦାହରଣ ଗୀତାରେ ସର୍ବୋଚ୍ଚ ସ୍ଥାନରେ ଥିବା ବ୍ୟକ୍ତି ଧୃତରାଷ୍ଟ୍ର ଅଟନ୍ତି। ସେ ବୟସରେ ବଡ ହୋଇଥିଲେ ବି ନେତ୍ରହୀନ କାରଣରୁ ରାଜଗାଦିରେ ବସିବା ପାଇଁ ଅଯୋଗ୍ୟ ଥିଲେ। ପାଣ୍ଡୁଙ୍କର ଅସମୟରେ ମୃତ୍ୟୁ ହେବା ଧୃତରାଷ୍ଟ୍ର ଦୁଃଖ କମ ଖୁସୀ ଅଧିକ ଥିଲା। ତେଣୁ ଭବିଷ୍ୟତରେ ନିଜ ଗାଦିକୁ ଅକ୍ତିଆରରେ ରଖିବା ପାଇଁ ଦୁର୍ଯ୍ୟୋଧନ, ଦୁଃଶାସନ, ଶକୁନି ଇତ୍ୟାଦିଙ୍କର ଦ୍ୱାରା ସମସ୍ତ କୁଟନୀତିକୁ ସେ ଜାଣିଶୁଣି ପ୍ରଶୟ ଦେଇଥିଲା। ସବୁ ଜାଣି ନୀରବ ରହୁଥିଲେ କାରଣ ସତ୍ତାର ଗାଦିର ମୋହ ଓ ଅହଂକାର ତାଙ୍କ ଭିତରେ ପ୍ରବଳ ଥିଲା। ଫଳ ସ୍ୱରୂପ ସେ ଜୀବନରେ କେବେବି ଶାନ୍ତିର ଅନୁଭବ କରିପାରି ନଥିଲେ।

(କ୍ରମଶଃ)




*ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡ଼ି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।*

# ସମ୍ପର୍କର ସୂତାଖିଅ

**କ୍ଷୀରୋଦ ଦାସ**

ଭାଗ-୧

**ଗୋ**ଟିଏ ବିସ୍ତୀର୍ଣ୍ଣ ପଡ଼ିଆ ମଝିରେ ଘଞ୍ଚ କିଆବୁଦାଟିଏ ପରି ଦୂରରୁ ଦେଖାଯାଏ ସେ ଗାଁ। ସବୁଜ ଗଛମାନଙ୍କ ଗହଣରେ ଗାଁ' ଭିତରର ଚାଳଛପର ଘର ସବୁ ଏପରି ଲୁଚି ଯାଆନ୍ତି ଯେ ଲାଗେ ତା' ଭିତରେ ଘରଫର କିଛି ନାହିଁ, ଅଛି କେବଳ ସୀମାହୀନ ବ୍ୟାପକ ସବୁଜିମା। ଅଥଚ ପାଖ ହୋଇ ଆସିଲେ ଗୋଟାଏ ପରେ ଗୋଟାଏ ଘର ମୁଣ୍ଡ ଟେକି ଆତ୍ମପ୍ରକାଶ କରନ୍ତି, ନିଜର ଅସ୍ତିତ୍ୱ ଜାହିର କରନ୍ତି ମୁଖ୍ୟରାସ୍ତାରୁ ସରୁ ରାସ୍ତାଟିଏ ଅଙ୍କାବଙ୍କା ହୋଇ ଲମ୍ୱି ଯାଇଥାଏ ଗାଁ ଭିତରକୁ। ସେ ରାସ୍ତାରେ ହରଦମ୍ ଶଗଡ଼ ଯାଏ, ସାଇକେଲ୍ ଯାଏ, ଗୋଟେ ଅଧେ ସ୍କୁଟର, ମଟରସାଇକେଲ ଯାଏ ଏବଂ ବର୍ଷକେ ଥରେ ଅଧେ କାଁ ଭାଁ କେମିତି ଟାକ୍ସିଟିଏ କି ଜିପ୍‌ଟାଏ ଯାଏ। ତା' ଉପର ଦେଇ ନିତି ଗାଇପଲ ରାଇସକୁଳ ଦଣ୍ଡାକୁ ଘାସ ଚରିବାକୁ ଯାଆନ୍ତି, ମଇଁଷି ପଲ ଗୋଠକୁ ଯାଆନ୍ତି।

ଗାଁ'ର ପ୍ରଥମ ମୁଣ୍ଡରେ ରାସ୍ତାର ଡାହାଣ ପାଖକୁ ଲାଗି ବିରାଟ ପୋଖରୀ। ସେଥିରେ ଦୁଇଟି ତୁଠ। ଗାଧୋଇବା ପାଇଁ। ପୋଖରୀର ଅଧାରୁ ବେଶୀ ଦଳ ଭର୍ତ୍ତି। କାଚକେନ୍ଦୁ ପରି ସ୍ୱଚ୍ଛ ପାଣି। ଗଭୀର ପାଣିତଳେ ପଇସାଟିଏ ପଡ଼ିଥିଲେ ଝକ୍ ଝକ୍ ଦିଶିବ। ଉହଡହ ଖରାଦିନେ ବି ତା' ଭିତରୁ ପାଣି ଶୁଖେନା। ପୋଖରୀଠାରୁ ପୂର୍ବ ଓ ପଶ୍ଚିମ ଉଭୟ ପାଖକୁ ଲମ୍ୱି ଯାଇଛି ଗାଁ। ଗାଁ'ର ଠିକ୍ ମଝିରେ ମହାଦେବଙ୍କ ମନ୍ଦିର।

କରଣ, ଖଣ୍ଡାୟତ, ଗୋପାଳ, ତନ୍ତୀ, ରଜକ, ବାରିକ ଆଦି ନାନା ଜାତି ଲୋକମାନଙ୍କ ଏକ କମନୀୟ ସମାହାର ସେ ଗାଁ'। ପାଟପୁର ତା' ନାଁ।

ନଡ଼ିଆ, ଆମ୍ୱ, ଚାକୁଣ୍ଡା, ଦେବଦାରୁ, ବାଉଁଶ, କୃଷ୍ଣଚୂଡ଼ା, କଦଳୀ, ସଜନା, ଅମୃତଭଣ୍ଡା ଆଦି ଗଛମାନଙ୍କର ଗହଳପତ୍ରର ସବୁଜ ପୋଷାକ ପିନ୍ଧି ପାଟପୁର ଗାଁ ଦିଶେ ଗୋଟେ ନୂଆବୋହୂ ପରି, କଅଁଳିଆ, ଛନଛନ। ଗାଁ'ର ଆକାଶ ଜଣାପଡ଼େ ଭାରି ଅନ୍ତରଙ୍ଗ, ଉଦାର। ଚାରିପଟେ ବ୍ୟାପକ ସବୁଜ ଧାନକ୍ଷେତ, ମଝିରେ ସରୁ କେନାଲ। ପଶ୍ଚିମରେ ରାଇସକୁଳ ଦଣ୍ଡା, କଣ୍ଟୁଆଣୀ ମଶାଣୀ। ମୋହମୁକ୍ତି ଓ ସହନଶୀଳତାର ପ୍ରତୀକଟିଏ ହୋଇ କାହିଁ କେତେ କାଳରୁ ଠିଆ ହୋଇଛି ବୁଢ଼ା ବରଗଛଟିଏ, ମନ୍ଦିରର ପାଦ ଦେଶରେ।

ଛୋଟିଆ ସେଇ ମନ୍ଦିର ଚାରିପାଖରେ ଟଗର, କନିଅର, ମନ୍ଦାର, ଗେଣ୍ଡୁକୁସୁମ, ମଣ୍ଡାକୁସୁମ ଆଦି ନାନା ଜାତି ଫୁଲଗଛ। ବାଁ ପାଖରେ ସୁଧାର ପିଲାଟିମାନ ପରି ଚୁପ୍‌ଚାପ୍ ଠିଆ ହୋଇଛନ୍ତି ଆଠ ଦଶଟା ନଡିଆ ଗଛ। ବେଢ଼ାର ଠିକ୍ ମଝାମଝି ଗୋଟେ କୃଷ୍ଣଚୂଡ଼ା ଗଛ, ଯାହା ପ୍ରତିଦିନ ସେଇ ଛୋଟିଆ ପୃଥିବୀକୁ ସଜାଉଥିଲା ଲାଲ୍ ପଣତରେ। ବେଢ଼ାର ଗୋଟିଏ କୋଣକୁ ସିମେଣ୍ଟ ପଲସ୍ତରା ହୋଇଥିବା ଗଭୀର କୂଅ। ବହୁତ ଦୂରରେ ପାଣି। ତା' ଭିତରକୁ ଝାଙ୍କି ଚାହିଁଲେ ମୁଣ୍ଡ ବୁଲାଇ ଦେବ। କୂଅ ମୂଳଠାରୁ ଚାରିହାତ ଛାଡ଼ି ଗୋଟେ ବେଲ ଗଛ। ଭାରି ଉପକାରୀ, ଭାରି ସ୍ୱାଦିଷ୍ଟ ତା' ପତ୍ର। ଭାରି ସୁବାସିତ ତା' ବାସ୍ନା। ଚଉଦିଗକୁ ମହକେଇ ଦେବା ପରି।

ଷାଠିଏ ଘରକୁ ନେଇ ପାଟପୁର ଗାଁ। ତା' ଭିତରେ କାହିଁ କେତେ କାଳରୁ ସରଳ, ନିରାଡମ୍ୱର, ସନ୍ଦେହମୁକ୍ତ ଜୀବନ ବିତାଉଥିବା ମଣିଷ। ଭିନ୍ନ ଭିନ୍ନ ଜାତି ହେଲେ ମଧ୍ୟ ମୁଁ ରାମଜନ, ସେ ହରିଜନ, ସେ ଗିରିଜନ, ଏପରି ମନୋଭାବ କେବେ ସ୍ପର୍ଶ କରିନାହିଁ କାହାକୁ। ଗୋଟେ ବିରାଟ ଏକନ୍ନାବର୍ତ୍ତୀ ପରିବାର ପରି ବିପୁଳ ଉତ୍ସାହ ଆଉ ଅତୁଳନୀୟ ଆଗ୍ରହର ସହିତ ପ୍ରତିଟି ଦିନକୁ ସମ୍ମୁଖୀନ ହେଉଥିବା ପାଞ୍ଚଶହରୁ ଊର୍ଦ୍ଧ୍ୱ ମଣିଷଙ୍କୁ ଗାଁର କେଉଁ ସ୍ନିଗ୍ଧ, କୋମଳ ଆବେଗ ଏକ ସୂକ୍ଷ୍ମ ଡୋରିରେ ବାନ୍ଧି ରଖିଛି, ସେକଥା କହିବା ମୁସ୍କିଲ୍।

ସୂର୍ଯ୍ୟୋଦୟର ଯଥେଷ୍ଟ ପୂର୍ବରୁ ଶୁଭେ କୁକୁଡାର ରାବ। ରାତି ପାହିଲାଣି, ଉଠ ଉଠ ବୋଲି ଡାକି ହାକି କ୍ଳାନ୍ତ ହୋଇ ଶୋଇପଡିଥିବା ମଣିଷମାନଙ୍କୁ ଉଠାଇଦିଏ ସେଇ ଡାକ। ଆମ୍ୱଗଛ ସନ୍ଧିରୁ କୋଇଲି ରହିରହି ମଧୁର କଣ୍ଠରେ ଆରମ୍ଭ କରେ ସକାଳର ମାଙ୍ଗଳିକ ସଙ୍ଗୀତ। କା' କା' ଡାକ ଦେଇ କାଉ ଉଡି ଆସି ବସେ ଚାଳରେ। ଗୁହାଳ ଭିତରେ ଆଉ ଅଧିକ ସମୟ ରହିବେ ନାହିଁ ବୋଲି ଗାଈ ବଳଦମାନେ ହମ୍ୱାରଡି ଛାଡି ଡାକ ପକାନ୍ତି। କଅଁଳିଆ ନରମ ସୁନେଲି ଖରାକୁ ଦେହରେ ବୋଳିହେବା ପାଇଁ ବନ୍ଦ ଗୁହାଳର ଅଧାକାନ୍ଥି ଡେଇଁ ଅମାନିଆ ଖଚିସା ଧୋବ ଫରଫର କଅଁଳା ବାଛୁରୀ କେଉଁ ଖଞ୍ଜରେ ବାହାରି ଆସି ଦାଣ୍ଡର ଏ ମୁଣ୍ଡରୁ ସେ ମୁଣ୍ଡ ଡିଆଁ ଡେଇଁ ଆରମ୍ଭ କରିଦିଏ। ଆମ୍ୱ, ନଡ଼ିଆଗଛ ସନ୍ଧିରେ ସେଯାଏ ଲାଖି ରହିଥାଏ ମେଞ୍ଚା ମେଞ୍ଚା ପତଳା କୁହୁଡି।

ପରେପରେ ଗୋଟେ କ୍ଷିପ୍ର ଚଳଚଞ୍ଚଳତା ବ୍ୟାପିଯାଏ ସାରା ଗାଁ'ରେ। ଜୀବନ ପ୍ରତି ଥିବା ସମସ୍ତ ଶ୍ରଦ୍ଧା ଓ ଆବେଗକୁ ଦ୍ୱିଗୁଣିତ କରାଇ ବିଲରେ ହଳ ଯୋଚା ହୁଏ। ଗାଈ ମଇଁଷିମାନେ କେନାଲ ବନ୍ଧର, ରାଇସକୁଳ ଦଣ୍ଡାର ସବୁଜ ଘାସକୁ ଅପେକ୍ଷା କରନ୍ତି, ନାହିଁ ନଥିବା ଉତ୍କଣ୍ଠା ନେଇ। କାନ୍ଧରେ ବସ୍ତାନୀ ପକାଇ କେନାଲ ବନ୍ଧ ଉପରଦେଇ ଦଳଦଳ ହୋଇ ପିଲା ଚାଲନ୍ତି ଚାଟଶାଳୀ ଓ ସ୍କୁଲକୁ। 'ଗାଈ ଫିଟାଇ ଦିଅ ହୋ' ବୋଲି କୁହାଟମାରି ଗାଈଶାଳ ଟୋକା ଅଣ୍ଟାର ଲୁଙ୍ଗି ଉପରେ ଗାମୁଛା ଭିଡ଼ି ଦେଇ ଦାଣ୍ଡେଦାଣ୍ଡେ ଚାଲିଯାଏ।

ଦଶଟା ବେଳକୁ ନିଛାଟିଆ ହୋଇପଡେ ଗାଁ।

କଅଁଳଗାଧୁଆ ବେଳକୁ ଗାଁ ପୋଖରୀ ଚଳଚଞ୍ଚଳ ହୋଇଉଠେ, ସ୍ତ୍ରୀ ଲୋକମାନଙ୍କ ସମାଗମରେ। ସତେ କି ଛୋଟକାଟର ଗୋଟେ ହାଟ! ଗାଧୋଇବା କମ୍, ଟୁପୁରୁଟାପୁରୁ, ଫୁସୁରୁଫାସୁରୁ ବେଶୀ। ନାନାକଥା ନାନାବ୍ୟଥାରେ ଅନୁରଣିତ ହୋଇଯାଏ ପୋଖରୀ ତୁଠ। ମରଦମାନଙ୍କର ବିଲରୁ ଫେରିବା ସମୟ ହେଲେ ମାଇପିମାନେ ଓଦାଲୁଗା ପାଲଟାଇ, ପାଣି ଗରାଏ ଲେଖାଁ କାଖେଇ ଉଠିଆସନ୍ତି ତୁଠରୁ।

ଗାଁ ଉପରେ ସୁନେଲି କିରଣ ବିଞ୍ଚି ବିଞ୍ଚି କାଲି ପୁଣି ଆସିବାର ନିର୍ଭର ପ୍ରତିଶ୍ରୁତି ଦେଇ ସୂର୍ଯ୍ୟ ବାହୁଡି ଯାଆନ୍ତି ଦିଗ୍‌ବଳୟର ସେପାଖରେ ଥିବା ନିଜ ବିଶ୍ରାମ ସ୍ଥଳକୁ। ଗାଁ ଦାଣ୍ଡକୁ ଧୂଳିରେ ପୋତିପକାଇ ଗାଈ ବଳଦମାନେ ତୃପ୍ତ ମନରେ ଫେରନ୍ତି ଗୁହାଳକୁ। ବୁଝିହେଉନଥିବା କିଚିରିମିଚିରି ଗୀତ ଗାଇଗାଇ ନାନାଜାତି ଚଢ଼େଇମାନେ ଫେରିଆସନ୍ତି ଜେଝାଜେଝା ନିରାପଦ ନୀଡକୁ।

ଅନ୍ଧାର ତା ପତଳା କଳା ଓଢ଼ଣୀରେ ଧୀରେ ଧୀରେ, ଅତି ଯତ୍ନରେ ଘୋଡ଼ାଇ ପକାଏ ଗାଁକୁ। ସଞ୍ଜହେଲେ ମହାଦେବ ମନ୍ଦିରରୁ ଭାସିଆସେ ଘଣ୍ଟ ଘଣ୍ଟା କାହାଳୀର ଓଁକାର ଝଙ୍କାର। ଭାସିଆସେ ଧୂପଦୀପ ଆଳତୀର ମନ୍ଦ୍ରମଧୁର ଇନ୍ଦ୍ରିୟାତୀତ ବାସ୍ନା, ଯାହା ମନ ଚୈତନ୍ୟକୁ ଘେନିଯାଏ ଅପହଞ୍ଚ ଏକ ମନୋରମ ଇଲାକାକୁ। ଧୂପ ଝୁଣାର ଧୂଆଁ ସୃଷ୍ଟି କରେ କାଳ୍ପନିକ ଏକ ଇନ୍ଦ୍ରସଭାର ପରିବେଶ।

ତା' ଭିତରୁ ଭାସି ଆସେ ମନ୍ଦିର ପୂଜକ ସୁଦର୍ଶନ ମିଶ୍ରଙ୍କ ଗମ୍ଭୀର ସୁଲଳିତ କଣ୍ଠ ନିସୃତ ମନ୍ତ୍ରଧ୍ୱନୀ। ସଂଧ୍ୟା ସମୟର ସେଇ ଅପୂର୍ବ, ସ୍ନିଗ୍ଧ ପରିବେଶ ବୋହିଆଣେ ରାଶି ରାଶି ପ୍ରସନ୍ନତା, କର୍ମକ୍ଳାନ୍ତ ମଣିଷର ସାରାଦିନର ହାଡ଼ଭଙ୍ଗା ପରିଶ୍ରମକୁ ଶିମିଳି ତୁଳାପରି ଉଡ଼ାଇ ଦେଇ ଜୀବନ ପାଇଁ ଡାକି ଆଣେ ଅତୁଳନୀୟ ଆଗ୍ରହ ଓ ଶାନ୍ତି।

*(କ୍ରମଶଃ)*

## ବିଭିନ୍ନ କବିତା



# ଦର୍ପଣ

**ମମତା ପଟ୍ଟନାୟକ**



**ଯେ**ତେଥର ଦର୍ପଣ ସାମ୍ନାରେ
ଠିଆ ହେଇଛି
ସେତେଥର ଆକଟିଛି
ଧେତ୍ ଏ ଦର୍ପଣ
ମିଛ କାହିଁ କହିପାରେନି।

ଆଜିକାଲି ନିଜ ଚେହେରା
ମନ ମୁତାବକ ଦର୍ପଣରେ ଦିଶେନି,
ରଙ୍ଗକରା କେଶ ଗାଢ଼ ଲିପଷ୍ଟିକ
ଛାତିକୁ ଆଣ୍ଟକରି ଭିଡି ରଖୁଥିବା
ସ୍ଲିଭଲେସ ଡିଜାଇନର ବ୍ଲାଉଜ
ଇସ୍ତ୍ରୀକରା ସୂତା କି ସିଫନ ଶାଢ଼ୀ
କିଛି ବି ମାନୁନି

ପଦ୍ମ ପତରରେ ଢଳଢଳ ବୁନ୍ଦେ
ପାଣିପରି ଏଇ ଖସିବ ଖସିବ
ହେଉଛି ବୟସ, ଯୌବନ
ପଞ୍ଜରା ତଳେ ଚଉଭଙ୍ଗ ପକେଇ
ରଖି ଦେଇଥିବା ଯିଦଖୋର ମନ
ଏବେ ଅଜଣା ବାରୁଛି ଦେହକୁ ମୋର



କିଏ ଜଣେ କହିଲା,
ଦେହରେ କଣ ବା ଥାଏ
ମାଂସ ହାଡ ବାତ ପିତର
ଅବକ୍ଷୟୀ ସ୍ଥାପତ୍ୟ
ଦେହରେ ବିଦେହକୁ ଖୋଜ
ଶୂନ୍ୟରେ ମହାମିଳନକୁ ଭୋଗ।

ବଦଳୁଥିବା ବୟସରେ
ଦେହର ତୃଷ୍ଣା ଶିଥିଳ ପଡିବ
ହାଡ ସନ୍ଧିର ଶଣ ସରିଆସିବ
ଫୁଙ୍ଗୁଳା ଦେହଟେ ନୁଖୁରା
ସଳିତା ପରି ଜୁଇରେ ଜଳିବ।

ବୁଝିଲି, ତିନିଶ ଛଅଖଣ୍ଡ ହାଡର
ବନ୍ଧନୀରୁ ମନ ହୃଦୟ
ହିକକା ଖାଇ ପବନରେ
ମିଳେଇବ।


ହଲେ ଆଖି, ଗୋଟେ
ହୃଦୟକୁ ସୁନ୍ଦର
ନଦିଶିଲା ନାଇଁ ଏ
ଯୌବନ
ସାଧାରଣରୁ ଅସାଧାରଣ
ନଲାଗିଲା ନାଇଁ
ଏ ମନ...
ଦର୍ପଣ କେବେବି
ମିଛ କୁହେନି...

ମୁଁ ଜାଣେ
କସ୍ତା ବାରହାତି ବେଢ଼େଇ
ହେଉଥିବା ସବୁ ଦେହ
ଲାଜକୁଳୀ ଲତା
ପବିତ୍ରତାର ଦିବ୍ୟସତ୍ତା
ସୁନ୍ଦର ବି ତା ଗଢ଼ଣ
ଚିନ୍ତା ଓ ଚେତନା...।

*ଘାଟିକିଆ, ଖଣ୍ଡଗିରି*

# ମୁଠାଏ ଖୁସି

**ପ୍ରଜ୍ଞା ପାରମିତା ପଣ୍ଡା**




ମୁଁ ବସ୍‌ର ଝରକା ପାଖ ସିଟ୍‌ରେ ବସିଥାଏ। ବାହାରେ ଝିପ୍ ଝିପ୍ ବର୍ଷା ହେଉଥାଏ। ତା' ସାଙ୍ଗକୁ ତୁହାକୁ ତୁହା କୁଆପଥର ମାଡ। ମୋ ହାତରେ କିଛି କିଛି ବର୍ଷାର ଛିଟିକା ଛାଟି ହୋଇ ପଡୁଥାଏ। ବର୍ଷା ଛିଟିକାର ମଜ୍ଜା ବି ନିଆରା। କେତେବେଳେ ଦେହ ଭିଜୁଥାଏ ତ କେତେବେଳେ ମନ। ମୋ ପାଖରେ ଥିବା ସିଟ୍‌ରେ ବସିଥାନ୍ତି ଜଣେ ମହିଳା ଏବଂ ତାଙ୍କ ସାଥିରେ ଥାଏ ଛଅ ବର୍ଷର ଏକ ଝିଅ। ଯିଏ ବାରମ୍ୱାର ତପଳତା ଦେଖାଇ ନିଜ କୁନି ହାତରେ ତା ମାଆର ଡାହାଣ ଗାଲକୁ ଥାପୁଡାଇବାରେ ଲାଗିଥାଏ। ମାତ୍ର ସେହି ମହିଳା ଜଣକ ବ୍ୟସ୍ତ ବିବ୍ରତ ହୋଇ ତା ଆଡକୁ ଧ୍ୟାନ ମଧ୍ୟ ଦେଉ ନଥାନ୍ତି। ତଥାପି ସେହି କୁନି ଝିଅଟି ଥାଏ ତା କାର୍ଯ୍ୟରେ ବ୍ୟସ୍ତ। ପୁଣିଥରେ ତା' ମାଆ ଗାଲରେ ହାତଥାପି କହିଲା ମାଆ ମୋ ମୁମୁଁ ଘର ଆଉ କେତେବାଟ କହୁନ। ସତରେ ପିଲାମାନେ ଏ ମାମୁଁ ଘରକୁ ଯିବା ପାଇଁ ଏତେ ବ୍ୟସ୍ତ କାହିଁକି। ଏହି ପ୍ରଶ୍ନର ଉତ୍ତର ପାଇବା ପାଇଁ ମୁଁ ଫେରିଗଲି ମୋ ପିଲା ଦିନକୁ...। ଯେଉଁଠି ଦେଖାଗଲା ଖପର ଘର ମିଶ୍ରିତ କୋଠା ଘର। ଟପି ନାମକ ବଡ କୁକୁର ଆଉ ଆଉ କିଛି ସମ୍ୱଲପୁରୀ ଭାଷା କହୁଥିବା ଅଜଣା ମଣିଷ। ସ୍କୁଲରେ ଯେବେ ଖରା ଛୁଟି ହୁଏ ମୋ ସାଙ୍ଗମାନେ ମାମୁଁ ଘରକୁ ଯିବାର ଖୁସିରେ ହୋଇ ଯାଆନ୍ତି ବିଭୋର ମୁଁ କିନ୍ତୁ ଭାଙ୍ଗି ଯାଏ ଦୁଃଖରେ। ମୁଁ ଅନେକ ସମୟରେ ଭାବେ! ମୋର ଯଦି ସେମାନଙ୍କ ପରି ମାମୁଁ ଘର ଥାନ୍ତା ତେବେ କେତେ ଭଲ ହୋଇନଥାନ୍ତା ସତେ। ହେଲେ ମୁଁ ତ ଅଭାଗିନୀଟେ। ନାଇଟ୍ କୋଚ୍‌ରେ ସାରା ରାତି ଯାତ୍ରା କରି ସକାଳୁ ସକାଳୁ ଓହ୍ଲାଇ ପଡୁ ମାମୁଁ ଘର ପାଖ ବସ୍‌ଷ୍ଟାଣ୍ଡରେ। ଷ୍ଟାଣ୍ଡ ନିକଟରୁ ଘରକୁ ଯାତ୍ରା ନିମନ୍ତେ ଲୋଡା ପଡେ ରିକ୍ସା। ଘର ସାମ୍ନାରେ ରିକ୍ସାରୁ ଓହ୍ଲାଇ ସିଧା ଦଉଡେ ଘରର ମୁଖ୍ୟ ଦରଜା ଆଡକୁ। ମନେ ମନେ ଭାବି ନିଏ, ମୋ ମାମୁଁ ଆସି ମୋତେ କୋଳେଇ ନେଇଯିବେ ନିଜ ହାତରେ। ମାଇଁ ତାଙ୍କ ଠାରୁ ଛଡାଇ ନେଇ ଖୁଆଇ ଦେବେ ଖାଇବାରୁ ପେଟେ। ହେଲେ ମନ ଭାଙ୍ଗି ଯାଏ ଯେତେବେଳେ ଦେଖେ ସେମାନଙ୍କ ପ୍ରତିକ୍ରିୟା ଶୂନ୍ୟ ବ୍ୟବହାର। ଆତ୍ମୀୟତା ବିହୀନ ହସ ଆଉ ସ୍ନେହ ଶ୍ରଦ୍ଧାର ଛଳନା। ଛୋଟ ବେଳୁ ଅଜାଙ୍କୁ ଦେଖିନଥିଲି। ହେତୁ ପାଇବା ବେଳକୁ ଆଈ ଥିଲେ ମୋର ଶଯ୍ୟାଶାୟୀ। ମାମୁଁ, ମାଇଁ ଥିଲେ ଚାକିରିଆ ଲୋକ। ସେହି କାରଣରୁ ବୋଧହୁଏ ତାଙ୍କ ପାଖରେ ସ୍ନେହ ମମତା ବାଣ୍ଟିବାକୁ ରହିଥିଲା ସମୟର ଅଭାବ। ଅଖିଆ ଅପିଆ ଖେଳି କୁଦି ଯଦି କେବେ ଡ୍ରଇଁରୁମ୍‌ରେ ଶୋଇ ଯାଇଛି, ତେବେବି ସେମାନଙ୍କୁ କେବେ ପଡିନି ଫରକ। ବୋଧହୁଏ ଏହା ଥିଲା ମୋର ଭାଗ୍ୟର ବିଡମ୍ୱନା। ତେଣୁ ମୁଁ ହୋଇଥିଲି ମାମୁଁ, ମାଇଁଙ୍କ ସ୍ନେହରୁ ବଞ୍ଚିତ। ସେଥିପାଇଁ ମୁଁ ମୋର ମନ ଊଣା କରେ ସତ, ହେଲେ ଏବେ କିନ୍ତୁ ମୁଁ ଅଛି ବହୁତ ଖୁସି। କାରଣ ମୁଁ ଖୋଜୁଥିବା ମାଇଁର ସ୍ନେହ ସରାଗ ଏବେ ମୋ ପୁଅକୁ ମିଳିଛି ତା ମାଇଁ ଆକାରରେ। ବସ୍‌ର ହର୍ଣ୍ଣ ଶବ୍ଦରେ ଚମକି ପଡିଲି ମୁଁ। କଣ୍ଡକ୍ଟରର ଡାକରେ ପାଖରେ ବସିଥିବା ମହିଳା ଜଣକ ତାଙ୍କ ଝିଅକୁ ନେଇ ଓହ୍ଲାଇବାକୁ ହେଉଥାନ୍ତି ପ୍ରଯତ୍ନ। କୁନି ଝିଅଟିର ଉତ୍ସାହ ଓ ତତ୍ପରତା ଦେଖି ମୁଁ ନିଜକୁ ଆବିଷ୍କାର କରିନେଲି ତାରି ଭିତରେ। ତାର କୁନି କୁନି ନିର୍ବୋଧ ହସରେ ମାପି ହୋଇ ଯାଉଥିଲା ମୁଠାଏ ଖୁସି।

*ତିନିମୁହାଣୀ, କେନ୍ଦ୍ରାପଡା*


# ତୁମେ ଆଉ ମୁଁ

**ଗଜାନନ ମିଶ୍ର**



**ଆ**ଉ କେହି ନାହିଁ ଏଠି,
ତୁମେ ଆଉ ମୁଁ କେବଳ।
ତୁମେ ଆଉ ମୁଁ ଏଠି ଯେବେ
ଆଉ କିଏ କିପରି ଭାବରେ
ପାରିବ ରହି ଏଠାରେ।
ମୁଁ ସ୍ଥିତ ତୁମଠି
ତୁମେ ସ୍ଥିତ ମୋଠି।
କିଏ କାହାକୁ କେତେବେଳେ
ମନ୍ଥନ କରୁଛି କହିବା ମୁସ୍କିଲ।


ମୁଁ ଆଉ ତୁମେ କେବଳ
ଆଉ ଆମେ ଏକତ୍ର
ଆଉ ଆମ ନେତ୍ର ଉନ୍ମୀଳିତ।
ନା, ଆମର ଯିବାର ନାଇଁ
କି ଆସିବାର ନାଇଁ।
କେମିତି କୋଉଠୁ କୋଉଠିକି
ସେସବୁର ବି ଠିକଣା ନାଇଁ।
ସତ ଯେ ଆମେ ଆମର
ସମଗ୍ର ରୂପ, ଆମେ ଆମର।




ତୁମେ ମୁଁ ଆଉ ଆମେ,
ଆଉ ଆମ ଭିତରେ
କି ବାହାରେ
ସଂଶୟ ନାଇଁ କିଛି କୋଉଠି।
କାହା ପାଇଁ କିଏ କେତେବେଳେ
ହାବଭାବ ଚାଲିଚଣିରୁ
ଜଣାପଡେ ଏମିତି ବି ନାଇଁ।
ଲକ୍ଷ୍ୟ ଆଉ ଉଦ୍ଦେଶ୍ୟ ଯେ ଆମର
ଆଉ ଆମଠି ଆମେ ଜଡ଼
ନୁହଁ କଦାପି।
ତଥାପି ତୁମେ ମୁଁ ଆଉ
ମୁଁ ତୁମେ ଆଉ ଆମର ଆମେ।


*ତପୋବନ, ଟିଟିଲାଗଡ଼, ବଲାଙ୍ଗିର*





**ଅପୂର୍ବ ସିନା**
ଭୁବନେଶ୍ୱର



**ଶୁଭମ କୁମାର ଚଣ୍ଡ**
ଷ୍ଟାଣ୍ଡାର୍ଡ-୪
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ନୀଳାଦ୍ରି ବିହାର, ଭୁବନେଶ୍ୱର



# 'ନ୍ୟାୟିକ ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସ ବଢ଼ିଛି'



**ଭୁବନେଶ୍ୱର :** ଏହି ଦିନଟି ଆମ ସମସ୍ତଙ୍କ ପାଇଁ ଏକ ଖୁସିର ଦିନ । ବିଳମ୍ବ ହେଲେ ମଧ୍ୟ ନ୍ୟାୟିକ ପ୍ରକ୍ରିୟାରେ ବିଶ୍ୱାସ ରଖିଥିବା ଆମ ସମସ୍ତଙ୍କୁ ନ୍ୟାୟ ମିଳିଛି ଏବଂ ନିର୍ଭୟା ଦୋଷୀ ମାନଙ୍କୁ ଫାଶୀ ମିଳିଛି । ଗଣତନ୍ତ୍ରର ନ୍ୟାୟିକ ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସ ବଢ଼ିଛି ବୋଲି ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି । ଶ୍ରୀମତୀ ପରିଡ଼ା କହିଛନ୍ତି ଯେ, ନିର୍ଭୟା କେସ ରେ ସୁପ୍ରିମକୋର୍ଟ ରାୟ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ନିର୍ଭୟାଙ୍କ ପିତା ମାତା ଏବଂ ପରିବାର ଲୋକଙ୍କୁ ଆଜି ନ୍ୟାୟ ମିଳିଛି । ନିର୍ଭୟା ପରିବାର ୭ ବର୍ଷ ଧରି ନ୍ୟାୟ ପାଇବା ପାଇଁ ଯେପରି ଲଢେଇ କରିଥିଲେ ତାହା ସମସ୍ତଙ୍କୁ ଏକ ପ୍ରେରଣା ଯୋଗାଇବ । ଆଜି ସତ୍ୟର ବିଜୟ ହୋଇଛି । ଏହି ଦଣ୍ଡ ବିଧାନରୁ ଅନ୍ୟ ଦୁଷ୍କର୍ମକାରୀମାନେ ସତର୍କ ହେବେ ଏବଂ ଏପରି ହୀନ କାର୍ଯ୍ୟ କରିବାରୁ ଦୂରେଇ ରହିବେ । ପୋଲିସ ଏବଂ ଆଇନ ବ୍ୟବସ୍ଥାରେ କିଛି ତ୍ରୁଟି ଅବା ଗଳାବାଟ ଥିବାରୁ ଅପରାଧୀମାନଙ୍କୁ ଫାଶୀରେ ଝୁଲାଇବା ପାଇଁ ୭ ବର୍ଷ ସମୟ ଲାଗିଗଲା । ଦୁଷ୍କର୍ମ କରୁଥିବା ଅପରାଧୀମାନଙ୍କୁ ତୁରନ୍ତ ସଜା ଶୁଣାଇବା ପାଇଁ ନୂଆ ନିୟମ ଆଣିବା ଦରକାର । ଯେଉଁପରି ନିର୍ଭୟା କେସ୍‌ରେ ଅଭିଯୁକ୍ତମାନଙ୍କୁ ଫାଶୀ ମିଳିଛି, ଠିକ୍ ସେହିପରି ନାବାଳିକା ଦୁଷ୍କର୍ମକାରୀମାନଙ୍କୁ ପୋକସୋ ଆକ୍ଟ ଆଧାରରେ ଫାଶୀ ଦିଆଯାଉ ବୋଲି ଶ୍ରୀମତୀ ପରିଡ଼ା ଦାବି କରିଛନ୍ତି । ମହିଳାଙ୍କ ଅଧିକାର ଏବଂ ମହିଳାଙ୍କ ସୁରକ୍ଷା ପାଇଁ ଆଜି ଗୋଟିଏ ବଡ ଦିନ ଅଟେ । ଆଇନର ଗଳାବାଟ ବନ୍ଦ ହେଲେ ନିର୍ଭୟା ପରି ରାଜ୍ୟରେ ଇତିଶ୍ରୀ,ବେବିନା, କୁନ୍ଦୁଲି ପିଡୀତା ଭଳି ଅନେକ ପୀଡିତାଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ । ରାଜ୍ୟରେ ଯେଉଁ ପୀଡିତାମାନେ ନିଜ କେସ ଲଢ଼ିବା ପାଇଁ ସମର୍ଥ ନଥିବେ ସେମାନଙ୍କୁ ନ୍ୟାୟ ଦେବା ପାଇଁ ଭାରତୀୟ ଜନତାପାର୍ଟିର ମହିଳାମୋର୍ଚ୍ଚା ବିନା ପାରିଶ୍ରମିକରେ ଓକିଲ ସାଜି କେସ୍ ଲଢିବେ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି । ଏହି ଅବସରରେ ବିଜେପି ଗଣମାଧ୍ୟମ ବିଭାଗ ମୁଖ୍ୟ ଓ ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ଏବଂ ସୋନାଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

# ଜନଗଣନା ସ୍ଥଗିତ ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର :** ୨୦୨୧ ଜନଗଣନା କାର୍ଯ୍ୟ ସ୍ଥଗିତ ରଖିବାକୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏପ୍ରିଲ ପହିଲାରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଦେଢ଼ ମାସ ଧରି ଚାଲିବାକୁ ଥିବା ଏହି ପ୍ରକ୍ରିୟାରେ ପ୍ରାୟ ୩୦ ଲକ୍ଷ ଲୋକ ନିୟୋଜିତ ହେବେ । ତେବେ କରୋନା ସଂକ୍ରମଣ ଆଶଙ୍କା ଦୃଷ୍ଟିରୁ ବର୍ତ୍ତମାନ ପରିସ୍ଥିତିରେ ଜନସଂଖ୍ୟା କାର୍ଯ୍ୟ ନ କରିବା ପାଇଁ ନବୀନ ପରାମର୍ଶ ଦେଇଛନ୍ତି । କରୋନା ସହ ଲଢ଼ିବାକୁ ରାଜ୍ୟ ସରକାର ଅନେକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ତେବେ ଜନଗଣନା କାର୍ଯ୍ୟ ଆରମ୍ଭ କରାଗଲେ ଏଥିରେ ସମ୍ପୃକ୍ତ କର୍ମଚାରୀ ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟପ୍ରତି ଗୁରୁତର ବିପଦ ସୃଷ୍ଟି ହେବ ବୋଲି ନବୀନ ଲେଖିଛନ୍ତି । ଏପ୍ରିଲ ପହିଲାରୁ ସେପ୍ଟେମ୍ବର ୩୦ ମଧ୍ୟରେ ହାଉସ୍ ଲିଷ୍ଟିଙ୍ଗ ବା ଘରଗଣନା କରାଯିବା ନିମନ୍ତେ ପୂର୍ବରୁ ସ୍ଥିର ହୋଇଥିଲା । ଏଥିପାଇଁ ୩୧ଟି ପ୍ରଶ୍ନ ମଧ୍ୟ ରହିଛି । ସମ୍ପୃକ୍ତ ଅଧିକାରୀ ଘରକୁ ଘର ଯାଇ ଏହି ପ୍ରଶ୍ନଗୁଡିକୁ ପଚାରି ତଥ୍ୟ ସଂଗ୍ରହ କରିଥାନ୍ତେ । ଓଡ଼ିଶାରେ ଏପ୍ରିଲ ୧୬ରୁ ମେ ୧୬ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବା ନିମନ୍ତେ ପୂର୍ବରୁ ସ୍ଥିର ହୋଇଥିଲା । ଏବେ କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ କ'ଣ ନିଷ୍ପତ୍ତି ନେବେ ତାହା ଉପରେ ସମସ୍ତଙ୍କ ନଜର ରହିଛି । ରାଜ୍ୟ ସରକାର କରୋନା ମୁକାବିଲା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହି କ୍ରମରେ କରୋନା ସଂକ୍ରମଣ ରୋକିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନଗଣନା ସ୍ଥଗିତ ରଖିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କରୋନା ...

ମାଲ୍ୟାର୍ପଣ କରିବା ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ୨୩ ରୁ ୩୧ ତାରିଖ ପର୍ଯ୍ୟନ୍ତ ଲୋକାୟୁକ୍ତ କାର୍ଯ୍ୟାଳୟରେ କୌଣସି ଅଭିଯୋଗର ଶୁଣାଣି ହେବନାହିଁ । ସ୍ଥିତିରେ ପରିବର୍ତ୍ତନ ନଆସିବା ପର୍ଯ୍ୟନ୍ତ ସାରା ରାଜ୍ୟରେ ଏହା କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏହା ବ୍ୟତୀତ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କରୋନା ଆଲୋଚନା ବ୍ୟତୀତ ଅନ୍ୟ କୌଣସି ବୈଠକ ହୋଇପାରିବ ନାହିଁ ବୋଲି ଏକ ସମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ମୁଖପାତ୍ର ସୁବ୍ରତ ବାଗଚୀ ସୂଚନା ଦେଇଛନ୍ତି । ଶ୍ରୀ ବାଗଚୀ କହିଲେ ଯେ କରୋନା ମୁକାବିଲା ପାଇଁ ରାଜ୍ୟ ସରକାର କଡ଼ା କଟକଣା ଲାଗୁ କରିଛନ୍ତି । ଅସାଧାରଣ ପରିସ୍ଥିତି ପାଇଁ ଅସାଧାରଣ ମୁକାବିଲାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଏଥିପାଇଁ ସରକାରଙ୍କ ନିୟମ ପାଳନ କରିବା ଦିଗରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି । ଉପରୋକ୍ତ ନିୟମ ବ୍ୟତୀତ ଏଣିକି ସମସ୍ତ ସରକାରୀ ସମାରୋହ, ଜୟନ୍ତୀ ପାଳନ, ମାଲ୍ୟାର୍ପଣ ଉପରେ ବି ରାଜ୍ୟ ସରକାର କଟକଣା ଲଗାଇଛନ୍ତି । ସେହିପରି ଏକତ୍ର ବସି ଖାଉଥିବା ବା ଏକତ୍ର ହେଉଥିବା ସମସ୍ତ ରେଷ୍ଟୋରାଁ, ବାର, କଫିସପ୍, କ୍ୟାଣ୍ଟିନ୍ ଇତ୍ୟାଦିକୁ ତୁରନ୍ତ ବନ୍ଦ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ହୋଟେଲ୍‌ଗୁଡ଼ିକରେ ଅତିକମ୍‌ରେ ୨ ମିଟର ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ଏସ୍‌ଓପି ଜାରି କରାଯାଇଛି । କ୍ୟାବିନେଟ୍ ଓ କ୍ଷମାତାସମ୍ପନ୍ନ ମନ୍ତ୍ରୀ ସମୂହ ବୈଠକଗୁଡ଼ିକ କେବଳ ଭିଡିଓ କନଫରେନ୍ସିଂ ମାଧ୍ୟମରେ କରିବା ପାଇଁ ନିଷ୍ପତ୍ତି ହୋଇଛି । ସେହିପରି ରାଜ୍ୟ ଏସ୍‌ସି/ଏସ୍‌ଟି ଛାତ୍ରାବାସଗୁଡ଼ିକୁ ମାର୍ଚ୍ଚ ୨୫ରୁ ଜୁନ୍ ୧୫ ପର୍ଯ୍ୟନ୍ତ ବନ୍ଦ କରାଯାଇଛି । ଏହି ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ୩ ମାସର ପ୍ରି-ମାଟ୍ରିକ ସ୍କଲାରସିପ୍ ଆଗୁଆ ପ୍ରଦାନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ବାଳିକା ଅନ୍ତେବାସୀମାନଙ୍କୁ ୨୪୦୦ ଓ ବାଳକ ଅନ୍ତେବାସୀଙ୍କୁ ୨୨୫୦ ଟଙ୍କା ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି । ସମସ୍ତ ସହରାଞ୍ଚଳରେ ଚଳାଚଳ କରୁଥିବା ଟ୍ୟାକ୍ସି, ଅଟୋ ସମେତ ସମସ୍ତ ସାଧାରଣ ପରିବହନ ଗାଡ଼ିଗୁଡ଼ିକ ଦିନେ ଛଡ଼ା ଦିନେ ଯାତାୟତ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଅର୍ଥାତ୍ ଯୁଗ୍ମ ଓ ଅଯୁଗ୍ମ ସଂଖ୍ୟାରେ ଏହି ଗାଡ଼ି ଗୁଡ଼ିକ ଚଳାଚଳ କରିବ । ଅନ୍ୟପକ୍ଷରେ ଧର୍ମାନୁଷ୍ଠାନଗୁଡ଼ିକ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକାକୁ ଶୃଙ୍ଖଳାର ସହ ପାଳନ କରିଥିବାରୁ ଏସବୁର ପରିଚାଳକମାନଙ୍କୁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି । ଏହାସହିତ ଏହି ମହାମାରୀ ସମୟରେ ସର୍ବଦା କାର୍ଯ୍ୟରତ ସ୍ୱାସ୍ଥ୍ୟ ଅଧିକାରୀ, ସ୍ୱାସ୍ଥ୍ୟ କର୍ମଚାରୀ ଓ ଆମ୍ବୁଲାନ୍ସ କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି । ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ବିଚଳିତ ନକରିବା ସହିତ ସେମାନଙ୍କ କାର୍ଯ୍ୟରେ କୌଣସି ବାଧାନଦେବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । କରୋନା ବ୍ୟତୀତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ନଥିଲେ ଅଯଥା ଡାକ୍ତରଖାନା ଯାଇ ଚିକିତ୍ସା ବ୍ୟବସ୍ଥା ଉପରେ ଚାପନପକାଇବା ପାଇଁ କୁହାଯାଇଛି ।

### ବିଶ୍ୱରେ ...

ନେଦରଲାଣ୍ଡ ୧୦୬, ଦକ୍ଷିଣ କୋରିଆ ୯୪, ସୁଇଜରଲାଣ୍ଡ ୫୬, ବେଲଜିୟମ ୩୭, ଜାପାନରେ ୩୩ ଜଣ ପ୍ରାଣ ହରାଇଥିବା ଏହା ଦାବି କରିଛି । ସଂକ୍ରମିତ ଓ ମୃତ୍ୟୁ ସଂଖ୍ୟା ବଢୁଥିବାରୁ ମେକ୍ସିକୋ ଓ କାନାଡ଼ା ସହ ନିଜର ସୀମାନ୍ତକୁ ଆମେରିକା ବନ୍ଦ କରିଦେଇଛି । ପ୍ରାୟ ୩ ମାସ ତଳେ ଚୀନର ହୁବେଇ ପ୍ରଦେଶରେ ପ୍ରଥମେ ଠାବ ହୋଇଥିବା କରୋନା ଭୂତାଣୁ ଏବେ ଏକମାତ୍ର ଆଣ୍ଟାର୍କଟିକା ମହାଦେଶକୁ ବାଦ ଦେଇ ଅନ୍ୟ ସମସ୍ତ ମହାଦେଶରେ କାୟା ବିସ୍ତାର କରିଛି । ଏଥିପାଇଁ ସାରା ବିଶ୍ୱରେ ଆତଙ୍କ ଖେଳିଯାଇଛି । ବିକଶିତ ରାଷ୍ଟ୍ରଗୁଡ଼ିକରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ସହିତ ୟୁରୋପ ଓ ବ୍ରିଟେନରେ ଗମ୍ଭୀରଜନକ ସ୍ଥିତି ଉପୁଜିଛି । ଇଟାଲୀରେ ୪୧ ହଜାରରୁ ଅଧିକ ଲୋକଙ୍କୁ କରୋନା ସଂକ୍ରମିତ କରିଛି । ଆମେରିକାରେ ସଂକ୍ରମିତଙ୍କ ସଂଖ୍ୟା ୧୦ ହଜାର ଅତିକ୍ରମ କରିଛି । ଅଣଅତ୍ୟାବଶ୍ୟକ ଉଦ୍ୟୋଗରେ କାମ କରୁଥିବା ଲୋକମାନେ ଅଫିସ ନଆସି ଘରେ ରହି କାମ କରିବାକୁ ଆମେରିକାର ବହୁ ରାଜ୍ୟରେ ନିର୍ଦ୍ଦେଶ ଦିଆଯାଇଛି । ସଦ୍ୟ ସୂଚନା ଅନୁସାରେ ଚୀନ୍‌ରେ ସ୍ଥାନୀୟ ଲୋକଙ୍କୁ କରୋନା ହୋଇଥିବାର ରିପୋର୍ଟ ପ୍ରାୟତଃ ନାହିଁ । ଚୀନରେ ଅଦ୍ୟାବଧି ୭୧,୧୫୦ କରୋନା ରୋଗୀ ଆରୋଗ୍ୟ ଲାଭ କରିଛନ୍ତି ବୋଲି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ କମିଶନ ସୂତ୍ରରୁ ପ୍ରକାଶ ।

### ମହାମାରୀ ...

ଡ. ବଳରାମ ଭାର୍ଗବ କହିଥିଲେ ଯେ ଭାରତ ବର୍ତମାନ ସଂକ୍ରମଣର ଦ୍ୱିତୀୟ ପର୍ଯ୍ୟାୟରେ ରହିଛି । ତୃତୀୟ ପର୍ଯ୍ୟାୟ ସଂକ୍ରମଣ ବିପଦ ହ୍ରାସ କରିବା ଆମ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ଚିକିତ୍ସା ସୁବିଧାର ନ୍ୟାୟୋଚିତ ଉପଯୋଗ ଉପରେ ସେ ଗୁରୁତ୍ୱାରୋପ କରିବା ସହିତ କ୍ୱାରେଂଟାଇନ ଏବଂ ଆଇସୋଲେସନ ୱାର୍ଡ ପ୍ରସ୍ତୁତ କରିବା ଉପରେ ଜୋର ଦେଇଥିଲେ । କୋଭିଡ-୧୯ ମୁକାବିଲା ଲାଗି ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଏଥିସହିତ ରାଷ୍ଟ୍ର ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାର ପ୍ରଭାବକୁ ପ୍ରଶଂସା କରିଥିଲେ । ବର୍ତ୍ତମାନ ସୁଦ୍ଧା ହୋଇଥିବା ପ୍ରସ୍ତୁତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ଏବଂ ଅନ୍ୟମାନଙ୍କୁ ମୁଖ୍ୟମନ୍ତ୍ରୀମାନେ ଅବଗତ କରାଇଥିଲେ । ଏହି ଅବସରରେ ସେମାନେ ପରୀକ୍ଷା ସୁବିଧା, ଦୁର୍ବଳ ବର୍ଗଙ୍କୁ ଅଧିକ ସହାୟତା, ୨୦୨୦-୨୧ ବର୍ଷ ପାଇଁ ରାଜ୍ୟଗୁଡ଼ିକୁ ଅଗ୍ରୀମ ଅର୍ଥ ଆବଂଟନ ଏବଂ ଘରୋଇ ପରୀକ୍ଷାଗାର ଓ ଡାକ୍ତରଖାନାଗୁଡ଼ିକୁ ଅଧିକ ସଂଖ୍ୟାରେ ପ୍ରସ୍ତୁତ କରିବା ନିମନ୍ତେ ସହାୟତା କରିବା ଲାଗି ଅନୁରୋଧ କରିଥିଲେ । ସବୁ ମୁଖ୍ୟମନ୍ତ୍ରୀ ସେମାନଙ୍କ ସହାୟତା ପାଇଁ ଆଶ୍ୱାସନା ଦେବା ସହିତ ଏହି ମହାମାରୀ ରୋକିବା ଲାଗି ସମସ୍ତେ ମିଳିମିଶି କାର୍ଯ୍ୟ କରିବେ ବୋଲି ଦୋହରାଇଥିଲେ । ରାଜ୍ୟଗୁଡ଼ିକ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ ଏବଂ ସେମାନଙ୍କ ଅଭିଜ୍ଞତା ଓ ପରାମର୍ଶ ବାଣ୍ଟିବା ପାଇଁ ଧନ୍ୟବାଦ ଜଣାଇଥିଲେ । ସ୍ୱାସ୍ଥ୍ୟକର୍ମୀଙ୍କ ସାମର୍ଥ୍ୟ ବୃଦ୍ଧି ଓ ସ୍ୱାସ୍ଥ୍ୟ ସେବା ଭିତିଭୂମି ବଢ଼ାଇବା ଉପରେ ସେ ଆଲୋକପାତ କରିଥିଲେ । କଳାବଜାରୀ ଓ ଅହେତୁକ ଦର ବୃଦ୍ଧିର ମୁକାବିଲା ଲାଗି ରାଜ୍ୟର ବାଣିଜ୍ୟ ସଂଗଠନଗୁଡ଼ିକ ସହିତ ଆଲୋଚନା କରିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥିପାଇଁ ସହମତି ଲୋଡ଼ିବା ସହିତ ଆବଶ୍ୟକ ହେଲେ ଆଇନଗତ ପଦକ୍ଷେପ ଗ୍ରହଣ କରିବା ଲାଗି ପ୍ରଧାନମନ୍ତ୍ରୀ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଅନୁରୋଧ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ ସରକାରଙ୍କ ଦ୍ୱାରା ଗଠନ କରାଯାଇଥିବା କୋଭିଡ-୧୯ ଆର୍ଥିକ କାର୍ଯ୍ୟାନୁଷ୍ଠାନ ଟାସ୍କ ଫୋର୍ସ ଅର୍ଥନୈତିକ ଆହ୍ୱାନକୁ ପ୍ରଭାବୀ ଢଙ୍ଗରେ ମୁକାବିଲା ଲାଗି ରଣନୀତି ପ୍ରସ୍ତୁତ କରିବ । ସମସ୍ତ ଜରୁରି ପଦକ୍ଷେପ ଗ୍ରହଣ କରିବା ତଥା ବ୍ୟାପକ ଭାବେ ନାଗରିକମାନଙ୍କ ସୁରକ୍ଷା ଲାଗି ସମସ୍ତ ମାର୍ଗଦର୍ଶିକା ପାଳନ ସୁନିଶ୍ଚିତ କରିବା ନିମନ୍ତେ ସେ ମୁଖ୍ୟମନ୍ତ୍ରୀମାନଙ୍କୁ ଅନୁରୋଧ କରିଥିଲେ । କୋଭିଡ-୧୯ ମୁକାବିଲା ଲାଗି ଆମର ମିଳିତ ପ୍ରୟାସରେ କିଛି ଅଭାବ ରହିବା ଅନୁଚିତ ବୋଲି ସେ ମତବ୍ୟକ୍ତ କରିଥିଲେ ।

### କରୋନା ପାଇଁ ...

ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଦେଶ ଗସ୍ତ ଉପରେ କଟକଣା, ପ୍ରଭାବିତ ଅଞ୍ଚଳରୁ ଭାରତୀୟଙ୍କୁ ବିମାନରେ ସ୍ୱଦେଶ ଅଣାଯିବା ଓ କରୋନା ମୁକାବିଲା ପାଇଁ ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ଅର୍ଥ ଉପଯୋଗ ନିମନ୍ତେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ । ସୂଚନାଯୋଗ୍ୟଯେ ଆଲୋଚନା ବେଳେ ମୁଖ୍ୟଶାସନ ସଚିବ ଅସୀତ ତ୍ରିପାଠୀଙ୍କ ସହ ରାଜ୍ୟସରକାରଙ୍କ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

### ଶ୍ରୀମନ୍ଦିର ...

୧୪ଦିନ ପର୍ଯ୍ୟନ୍ତ ଏଭଳି କଟକଣା ବଳବତ୍ତର ରହିବ । ହେଲେ ମହାପ୍ରଭୁଙ୍କ ସେବା, ପୂଜା, ନୀତିକାନ୍ତିରେ କୌଣସି ବ୍ୟାଘାତ ହେବନାହିଁ । ପରମ୍ପରା ଅନୁସାରେ ସେବାୟତମାନେ ଯଥାରୀତି ମନ୍ଦିର ଯାଇ ମହାପ୍ରଭୁଙ୍କ ସେବା ପୂଜା କରିବେ । କେବଳ ଭକ୍ତଙ୍କ ପ୍ରବେଶ ଉପରେ ଏହି କଟକଣା । ଏଥିସହ ମନ୍ଦିରର ସ୍ୱଚ୍ଛତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ପ୍ରଶାସନର ଏଭଳି ନିଷ୍ପତ୍ତିକୁ ଭକ୍ତ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଏବଂ ବୁଦ୍ଧିଜୀବୀମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି । କେହି କେହି ମହାମାରୀ ମୁକାବିଲା ପାଇଁ ଏହାକୁ ସ୍ୱାଗତ କରୁଥିଲା ବେଳେ ଅନ୍ୟ କିଛି ଏହାକୁ ମଧ୍ୟ ସମାଲୋଚନା କରିଛନ୍ତି । ଶ୍ରୀମନ୍ଦିର ଇତିହାସରେ ଅନେକ ମହାମାରୀ ଓ ବିପର୍ଯ୍ୟୟ ଆସିଛି, ଯାଇଛି । କିନ୍ତୁ ଶ୍ରୀମନ୍ଦିର ରତ୍ନ ସିଂହାସନରେ ବିଜେ ଥାଇ ମହାପ୍ରଭୁଙ୍କ ଦର୍ଶନରୁ କେବେ ବଞ୍ଚିତ ହୋଇନାହାନ୍ତି ଭକ୍ତ । ପାତାଳି ସମୟରେ କେବଳ ମହାପ୍ରଭୁ ମନ୍ଦିରରେ ନଥିବାରୁ ଦର୍ଶନ ବନ୍ଦ ରହୁଥିଲା । ପ୍ରଶାସନର ଏଭଳି ନିଷ୍ପତ୍ତିକୁ ପୁରୀବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି । ତେବେ କେବଳ ଶ୍ରୀମନ୍ଦିର ନୁହେଁ ବରଂ କରୋନା ପାଇଁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଧାର୍ମିକ ପୀଠ ଗୁଡିକ ବନ୍ଦ ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି । ସମସ୍ତ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ଆଦି ଧାର୍ମିକ ଅନୁଷ୍ଠାନକୁ ଏପ୍ରିଲ ୧ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଜିଲ୍ଲାପାଳମାନେ ପଦକ୍ଷେପ ନେବାକୁ କୁହାଯାଇଛି । ତେବେ ଏଠାରେ ପୂର୍ବପରି ନୀତିକାନ୍ତି ଜାରି ରହିବ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି ସରକାର ।

### ୭ ବର୍ଷ ...

ସାମଗ୍ରୀ ଓ ଜେଲ୍‌ରେ ରହିବା ମଧ୍ୟରେ କରିଥିବା ରୋଜଗାରକୁ ପରିବାର ହାତରେ ଦିଆଯିବ ବୋଲି ଜେଲ୍ କର୍ତ୍ତୃପକ୍ଷ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରୀୱାଲ ଟ୍ୱିଟ୍ କରି ବିଚାରବିଭାଗର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ସୂଚନା ଅନୁଯାୟୀ, ଏହି ଚାରି ଦୋଷୀ ଫାଶୀ ପାଇବାର ପୂର୍ବଦିନ ରାତିରେ ଶୋଇ ନଥିଲେ । ତିହାର ଜେଲ୍ ନମ୍ବର ୩ରେ ସେମାନଙ୍କୁ ପୃଥକ ପୃଥକ ଡେଥ୍ ସେଲ୍‌ରେ କଡା ସୁରକ୍ଷା ମଧ୍ୟରେ ରଖାଯାଇଥିଲା । ପ୍ରତ୍ୟେକଙ୍କୁ ୧୨ଜଣ ଲେଖାଏ ସୁରକ୍ଷାକର୍ମୀ ଜଗି ରହିଥିଲେ । ଫାଶୀ ପୂର୍ବଦିନ ରାତିରେ ମୁକେଶ ଓ ବିନୟ ଖାଦ୍ୟ ଗ୍ରହଣ କରିଥିଲେ । କିନ୍ତୁ ପୱନ ଓ ଅକ୍ଷୟ ଖାଇ ନଥିଲେ । ମୁକେଶକୁ ତା' ପରିବାର ଲୋକେ ଶେଷଥର ପାଇଁ ସାକ୍ଷାତ କରିଥିଲେ । ୪ ଦୋଷୀ ଫାଶୀଖୁଣ୍ଟରେ ଝୁଲିବା ପରେ ନିର୍ଭୟାଙ୍କ ମା' ଆଶା ଦେବୀ କହିଛନ୍ତି ଯେ, ଡେରିରେ ହେଲେ ବି ତାଙ୍କ ଝିଅକୁ ନ୍ୟାୟ ମିଳିଲା । ଏଥିପାଇଁ ସେ ସୁପ୍ରିମ୍‌କୋର୍ଟଙ୍କୁ ପ୍ରଶଂସା କରିଛନ୍ତି । ଏହାସହିତ କେନ୍ଦ୍ର ସରକାର ଓ ନ୍ୟାୟିକ ବ୍ୟବସ୍ଥାକୁ ମଧ୍ୟ ପ୍ରଶଂସା କରିଛନ୍ତି । କିନ୍ତୁ ନ୍ୟାୟିକ ବ୍ୟବସ୍ଥାରେ କିଛି ଛିଦ୍ର ଥିବା ଏହି ମାମଲାରୁ ଜଣାପଡିଛି ବୋଲି କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ସେ ତାଙ୍କ ଝିଅକୁ ବହୁତ ଭଲ ପାଉଥିଲେ । ସେ ତାଙ୍କ ଝିଅକୁ ନେଇ ଗର୍ବ କରନ୍ତି । ସେ ତାଙ୍କୁ ବଞ୍ଚାଇ ପାରିଲେନି । କିନ୍ତୁ ଖୁସି ଅଛନ୍ତି ଯେ ତାଙ୍କୁ ନ୍ୟାୟ ଦେଇ ପାରିଛନ୍ତି । ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ନିର୍ଭୟା ଦିବସ ଭାବେ ପାଳନ କରାଯାଉ । ସେହିଭଳି ନିର୍ଭୟାଙ୍କ ବାପା ମଧ୍ୟ ଖୁସି ପ୍ରକଟ କରିଛନ୍ତି । ସେ କହିଛନ୍ତି, ନ୍ୟାୟ ପାଇବା ପାଇଁ ବହୁତ ଦୌଡିଥିଲେ । ଆଉ ଶେଷରେ ନ୍ୟାୟ ପାଇଛନ୍ତି । ଏହା ପ୍ରତିଟି ମହିଳାଙ୍କ ବିଜୟ । ଲୋକେ ପୁଅ ଓ ଝିଅ ମଧ୍ୟରେ ପ୍ରଭେଦ କରିବା ଅନୁଚିତ୍ । ନିର୍ଭୟାଙ୍କ ମାମଲା ଲଢ଼ିଥିବା ସରକାରୀ ଓକିଲ କହିଛନ୍ତି, ଏପରି ଜଘନ୍ୟ ଅପରାଧ ଅତି ବିରଳରୁ ବିରଳତମ ଥିଲା । ଏପରି ଅପରାଧ ପଶୁ ବି କରିପାରନ୍ତି ନାହିଁ । ନିର୍ଭୟା ବଞ୍ଚିଥିଲେ ହୁଏତ ଖୁସି ହୋଇଥାନ୍ତା । ମାତ୍ର ଶେଷରେ ନ୍ୟାୟ ମିଳିଛି । ତେବେ ନିର୍ଭୟାଙ୍କ ପରେ ଅନେକ ପୀଡିତ ନ୍ୟାୟ ଅପେକ୍ଷାରେ ଅଛନ୍ତି ।

### କରୋନା ମୁକାବିଲା ପାଇଁ ଉଚ୍ଚସ୍ତରୀୟ ବୈଠକ

# ଜିଲ୍ଲା ଓ ଗ୍ରାମାଞ୍ଚଳରେ ସଚେତନତା ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର :** ଜିଲ୍ଲା ଓ ଗ୍ରାମଞ୍ଚଳରେ କରୋନା ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରିବା ପାଇଁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଆରୋପ କରିଛନ୍ତି । ବୁଧବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ ଏବଂ ବରିଷ୍ଠ ଅଧିକାରୀମାନେ ଭିଡିଓ କନଫରେନ୍ସିଂ ଜରିଆରେ ୩୦ ଟି ଜିଲ୍ଲାର ଜିଲ୍ଲାପାଳ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ତଥା ୩୧୪ ବ୍ଲକର ବିଡିଓମାନଙ୍କ ସହ ଆଲୋଚନା କରି ଜିଲ୍ଲା ଏବଂ ଗ୍ରାମାଞ୍ଚଳରେ କରୋନା ମୁକାବିଲା ପାଇଁ ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଆଲୋଚନା ସମୟରେ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ କହିଥିଲେ ଯେ, ଲୋକମାନଙ୍କ ଭିତରେ ସଚେତନତା ଆସିଲେ କରୋନା ହରାଇବା ସହଜ ହେବ । କରୋନା ସମ୍ପର୍କିତ ରାଜ୍ୟ ସରକାରଙ୍କ ବିଭିନ୍ନ ପରାମର୍ଶ ଓ ନିର୍ଦ୍ଦେଶାବଳୀ ସମ୍ପର୍କରେ ଲୋକଙ୍କୁ ବ୍ୟାପକ ସଚେତନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି କାର୍ତ୍ତିକେୟନ ପାଣ୍ଡିଆନ୍ ପରାମର୍ଶ ଦେଇଥିଲେ । ଏହି ଭିଡିଓ କନଫରେନ୍ସିଂ ସମୟରେ ହିତାଧିକାରୀଙ୍କୁ ୩ ମାସର ଆଗୁଆ ଭତ୍ତା, ପେନ୍‌ସନ୍ ଓ ରାସନ୍ ସାମଗ୍ରୀ ଆଦି ପ୍ରଦାନ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଏହାବ୍ୟତୀତ ଅଙ୍ଗନବାଡ଼ିରେ ପିଲାମାନଙ୍କ ପାଖରେ ଆଗୁଆ ଶୁଖିଲା ଖାଦ୍ୟ ପହଞ୍ଚାଇବା ଏବଂ ଏଏନ୍‌ଏମ୍ ଓ ଆଶାକର୍ମୀଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଅତ୍ୟାବଶ୍ୟକ ଔଷଧ ପହଞ୍ଚାଇବା ଉପରେ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା । କରୋନା ମୁକାବିଲା ପାଇଁ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ବିଜୁଳି, ପାଣି, ଶୌଚାଳୟ ଏବଂ ବିଦ୍ୟୁତ ବ୍ୟାକ୍-ଅପ୍ ସୁବିଧା ଥିବା ଏକ ନିର୍ଦ୍ଦିଷ୍ଟ ଘରକୁ ପ୍ରସ୍ତୁତ ରଖିବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଥିଲା । ଆବଶ୍ୟକ ସ୍ଥଳେ ଏହାକୁ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଭାବରେ ବ୍ୟବହାର କରାଯିବ । ଏଥିପାଇଁ ପ୍ରତି ପଞ୍ଚାୟତକୁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁମୋଦନ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି । ଏହି ଆଲୋଚନାରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ପ୍ରମୁଖ ଭାଗ ନେଇଥିଲେ ।

# ମଇଳା ପୋଡା ଧୂଆଁରେ ଲୋକେ ଅତିଷ୍ଟ : ପୌର ପରିଷଦ ନିରବ



**ସୋନପୁର :** ସଫେଇ କୁ ନେଇ ଏବେ ଚର୍ଚ୍ଚା ରେ ଏବେ ସୁବର୍ଣ୍ଣପୁର ପୌର ପରିଷଦ । ସଦରର ବିଭିନ୍ନ ଜାଗା ରେ ଏବେ କୁଢ କୁଡ ମଇଳା ଗଦା । ନାଳ ଗୁଡାକ ଏବେ ପୁରା ମଇଳା ଜଗଡାରେ ଭର୍ତ୍ତି । କିଛି ସଫେଇ କର୍ମଚାରୀଙ୍କ ମନମାନି ଯୋଗୁ ଏପରି ସମସ୍ୟା ଦେଖିବାକୁ ମିଳୁଛି । କିଛି ଜନଗହଳି ସ୍ଥାନ ଗୁଡିକରେ କିଛି ସଫେଇ କର୍ମଚାରୀ ମଇଳାକୁ ସଫା କଲା ପରେ ତାକୁ ଡ୍ରେନରେ ପକାଇ ଦେଇ ନିଆଁ ଲଗାଇ ଦେଉଛନ୍ତି । ତେଣୁ ସେଠାରେ ଧୁଆଁ ହୋଇ ଅପ୍ରିତିକର ପରିବେସ ସୃଷ୍ଟି ହେବ ସହ ଜନ ଅସନ୍ତୋଷ ଦେଖା ଯାଉଛି । ଏ ସମ୍ପର୍କରେ ସଫେଇ କାମ ତଦାରଖ କରୁଥିବା କର୍ମଚାରୀଙ୍କୁ ଅଭିଯୋଗ କଲେ ମୁ କଣ ତାକୁ ପୋଡିବାକୁ କହୁଛି ବୋଲି ଉତ୍ତର ଶୁଣିବାକୁ ମିଳୁଛି । ଏବେ କରୋନା ନେଇ ବିଭିନ୍ନ ସଚେତନା କରାଯାଉଥିବା ବେଳେ ଏହିଭଳି ଖରାପ ଧୁଆଁକୁ ନେଇ କିଛି ଯାଗାରେ ବେଶ ଚର୍ଚ୍ଚା ହେଉଛି । ତେବେ ଏ ସର୍ମ୍ପକରେ ପୌରପରିଷଦ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ହୋଇ ପାରି ନ ଥିଲା । ଏ ଦିଗରେ ପ୍ରଶାସନ ଧ୍ୟାନ ଦେବାକୁ ଜନସାଧାରଣରେ ଦାବି ହେଉଛି ।

# ମଦ ଦୋକାନକୁ କରୋନା କଟକଣାରୁ ମାଫ୍ କାହିଁକି !

**ସୋନପୁର :** ସାରା ବିଶ୍ୱରେ କରୋନା ଭାଇରସର ଆତଙ୍କ ଖେଳିଯାଇଛି । ଏହି ପରିପ୍ରେକ୍ଷୀରେ ଦେଶ ତଥା ରାଜ୍ୟ ଓ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରତିଷେଧକମୂଳକ ବ୍ୟବସ୍ଥା ଗ୍ରହଣ ସହ ବ୍ୟାପକ ପଦକ୍ଷେପମାନ ନେଇଛି । ଏପରି କି ସୋନପୁର ସହରରେ ଥିବା ବିଭିନ୍ନ କିଛି ଜଗାରେ ୧୪୪ ମଧ୍ୟ ଲଗାଯାଇଛି । ତାହା ସ୍ୱାଗତଯୋଗ୍ୟ । ବିଭିନ୍ନ ଜନ ଗହଳି ସ୍ଥାନ ଗୁଡିକ ରେ କଟକଣା ଜାରି କରାଯାଇଛି । ତାହା ମଧ୍ୟ ସ୍ୱାଗତ ପଦକ୍ଷେପ । କିନ୍ତୁ ଦୁର୍ଭାଗ୍ୟର କଥା ଯେଉଁଠାରେ ପ୍ରବଳ ଜନଗହଳି ହେଉଛି ସେଠାରେ କୌଣସି ନିୟମ ଲାଗୁ କରାଯାଇନାହିଁ । ଅର୍ଥାତ୍ ଜିଲ୍ଲାର ଓ ସୋନପୁର ସହର ସମେତ ବିଭିନ୍ନ ସ୍ଥାନରେ ଚାଲିଥିବା ଦେଶୀ, ବିଦେଶୀ ମଦ ଦୋକାନ, ବନ୍ଦ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ତେଣୁ ଜିଲାପାଳଙ୍କୁ ଅନୁରୋଧ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ କରୋନା ଭାଇରସ ବ୍ୟାପିବା ଯଥେଷ୍ଟ ସମ୍ଭାବନା ରହିଛି । ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ଜନ ସାଧାରନ ରେ ଚର୍ଚା ହେଉଛି ।

# ବାରିପଦା କଚେରୀ ମାର୍କେଟ ଦୋକାନ ଗୃହ ବଣ୍ଟନକୁ ନେଇ ଜନ ଅସନ୍ତୋଷ



**ବାରିପଦା :** ରାଜ୍ୟ ସରକାରଙ୍କ ଡିଭୋଲୁସନ ଫାଣ୍ଡ ନିର୍ମିତ ବାରିପଦା କଚେରୀ ମାର୍କେଟ କମ୍ପ୍ଲେକ୍ସ ଦୋକାନ ଗୃହ ସହ ପୌରପରିଷଦ ପାଣ୍ଠିର ବ୍ୟୟ ବରାଦରେ ପାର୍କିଂ ଆଦିର ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ପରେ ତରବରିଆ ଭାବେ ପୌର କାର୍ଯ୍ୟାଳୟ ପକ୍ଷରୁ ଦୋକାନ ଗୃହ ବଣ୍ଟନ ନିମନ୍ତେ ଗଣମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ ପାଇଛି ଓ ବିଜ୍ଞପ୍ତିରେ ରହିଥିବା ସର୍ତ୍ତବାଳୀକୁ ଦେଖି କ୍ଷୁଦ୍ର ବ୍ୟବସାୟୀମାନେ ଛାନିଆ ହୋଇପଡ଼ିଛନ୍ତି । ବାରିପଦା କଚେରୀ ମାର୍କେଟ ଦୋକାନ ଗୃହ ବଣ୍ଟନ ସର୍ତ୍ତାବଳୀ କେବଳ ଧନୀକ ବର୍ଗର ଜନସାଧାରଣଙ୍କୁ ସୁହାଇବା ପାଇଁ ଉଦ୍ଦିଷ୍ଟ ବୋଲି ଜନସାଧାରଣରେ ହେଉଥିବା ଚର୍ଚ୍ଚାରୁ ଜଣାପଡ଼ିଛି । ତେଣୁ ମଧ୍ୟବିତ୍ତ ବର୍ଗର ବ୍ୟବସାୟୀମାନେ ଏହା ଉପରେ ଅଭିଯୋଗ କରିଛନ୍ତି । ବାରିପଦା କଚେରୀ ମାର୍କେଟରେ ନିର୍ମିତ ହୋଇଛି ବ୍ଲକ-ଏ, ବି, ସି ଓ ଡି ମାର୍କେଟ କମ୍ପ୍ଲେକ୍ସ । ବ୍ଲକ-ଏର ତଳେ ୧୦ ଓ ଉପରେ ୧୦ଟି ଦୋକାନ ଗୃହକୁ ମିଶାଇ ୨୦ଟି ଗୃହ ରହିଥିବା ବେଳେ ବ୍ଲକ- ବିରେ ତଳେ ୭ ଓ ଉପରେ ୧୦ଟି, ବ୍ଲକ -ସିର ତଳେ ୧୦ ଓ ଉପରେ ୧୦ ଏବଂ ବ୍ଲକ ଡିର ତଳେ ୧୦ ଓ ଉପରେ ୧୦ ଏହିପରି ମୋଟ ୭୭ଟି ୧୪/୧୨ ଫୁଟର ଦୋକାନ ଗୃହ ରହିଛି । ପୌରପରିଷଦ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଆଧାରରେ ଧର୍ମଗୋଳା(ଲଟେରୀ) ମାଧ୍ୟମରେ ଦୋକାନ ଗୃହ ବଣ୍ଟନ କରାଯିବ ଏବଂ ଦୋକାନ ଗୃହ ନେବା ନିମନ୍ତେ ଆଗ୍ରହୀ ବ୍ୟକ୍ତିମାନେ ଏକ ହଜାର ଟଙ୍କା(ଅଣଫେରସ୍ତ) ଦାଖଲ କରି ଆବେଦନ ଫର୍ମ ସର୍ତ୍ତବାଳୀ ମାର୍ଚ୍ଚ ୬ରୁ ୨୧ ସୁଦ୍ଧା ପୌରପରିଷଦର କାର୍ଯ୍ୟ ଦିବସଗୁଡ଼ିକରେ ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ ମଧ୍ୟରେ ସଂଗ୍ରହ କରିବା ନିମନ୍ତେ ଦର୍ଶାଯାଇଛି । ସେହିପରି ଆବେଦନକାରୀମାନେ ଅମାନତ ବାବଦକୁ ୧ ଲକ୍ଷ ୬୫ ହଜାର ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ ଆବେଦନ ଫର୍ମ ସହିତ ଦାଖଲ କରିବା ପରେ ଧର୍ମ ଗୋଳାରେ ଚୟନ ହେଲେ ପୁଣି ୧୫ ଦିନ ମଧ୍ୟରେ ୧ ଲକ୍ଷ ୬୫ ହଜାର ଟଙ୍କା ସହିତ ଅଗ୍ରୀମ ଏକ ମାସର ଧାର୍ଯ୍ୟ ଦୋକାନ ଗୃହର ଭଡ଼ା ଜମା ଦେବାକୁ ଉଲ୍ଲେଖ କରାଯାଇଛି । ଏଥି ସହିତ ବିଜ୍ଞପ୍ତିରେ ରହିଥିବା ସର୍ତ୍ତବାଳୀ ପୂରଣ କରାନଗଲେ ଘର ଆବଣ୍ଟନକୁ ଖାରଜ କରିଦିଆଯିବ ବୋଲି କୁହାଯାଇଛି । ଏହି ପ୍ରକାରର ସର୍ତ୍ତାବଳୀକୁ ନେଇ ଜନସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେବା ସାଙ୍ଗକୁ ସରକାରୀ ଅର୍ଥରେ ନିର୍ମିତ କଚେରୀ ମାର୍କେଟ କମ୍ପ୍ଲେକ୍ସ ଦୋକାନ ଗୃହ ବଣ୍ଟନକୁ ନେଇ ପୌର ନିର୍ବାହୀ ଅଧିକାରୀ ଏକ ବ୍ୟବସାୟ ଆରମ୍ଭ କରିଥିବାର ଅଭିଯୋଗ ହେଉଛି । ଏହାକୁ ନେଇ କେତେକ ବ୍ୟବସାୟୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଅମାନତ ଟଙ୍କା ତଳ ମହଲା ନିମନ୍ତେ ୧.୨୦ ଲକ୍ଷ ଓ ଉପର ମହଲା ନିମନ୍ତେ ଏକ ଲକ୍ଷ ଟଙ୍କା ଧାର୍ଯ୍ୟ କରିବା ନିମନ୍ତେ ଦାବି ଜଣାଇଛନ୍ତି । ପୁଣି ପୌର କାର୍ଯ୍ୟାଳୟର ଇଞ୍ଜିନିୟରିଂ ବିଭାଗ କଚେରୀ ମାର୍କେଟ କମ୍ପ୍ଲେକ୍ସକୁ ବିଧିବଦ୍ଧ ଭାବେ ହସ୍ତାନ୍ତର କରିନଥିବା ବେଳେ ଦୋକାନ ଗୃହ ବଣ୍ଟନ ନିମନ୍ତେ ବିଜ୍ଞପ୍ତି ପ୍ରକାଶର ବୈଧତା ଉପରେ ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି । ଏହାର ସତ୍ୟାସତ୍ୟ ଜାଣିବା ସହିତ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ଦାଶଙ୍କ ପ୍ରତିକ୍ରିୟା ଜାଣିବା ନିମନ୍ତେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା ।


# ସ୍ୱର୍ଣ୍ଣ ମନ୍ଦିର

**ପ୍ରଫେସର ହରିକୃଷ୍ଣ ଦାଶ**





ଭିନ୍ନ ଭିନ୍ନ ସମ୍ପ୍ରଦାୟ ବିଭିନ୍ନ ସ୍ଥାନରେ ପୂଜା ଉପାସନା କରନ୍ତି। କିଏ ମନ୍ଦିର, କିଏ ମସ୍‌ଜିଦ ବା କିଏ ଚର୍ଚ୍ଚ ବା ପାଗୋଡାରେ ଆରାଧନା କରନ୍ତି। ଏହି ଦେବ ପୀଠ ଗୁଡ଼ିକ ପବିତ୍ର ସ୍ଥାନ। ସ୍ୱର୍ଣ୍ଣ ମନ୍ଦିରରେ ଶିଖ୍‌ମାନେ ପୂଜା ଅର୍ଚ୍ଚନା କରନ୍ତି। ଏହି ବିଷୟରେ ଜାଣିଥିଲି କିନ୍ତୁ ଦେଖିନଥିଲି। ଦେଖିବାର ସୌଭାଗ୍ୟ ଜୁନ୍ ୨୦୧୬ ମାସରେ ଘଟିଲା। ଭାଟିକାନ ସିଟି ଖ୍ରୀଷ୍ଟିୟାନ ମାନଙ୍କର ମୁଖ୍ୟ ସ୍ଥାନ, ମକ୍କା ଓ ମଦିନା ମୁସଲମାନ ମାନଙ୍କର, ସେହିପରି ସ୍ୱର୍ଣ୍ଣ ମନ୍ଦିର



ଶିଖ୍‌ମାନଙ୍କର ପ୍ରଧାନ ତୀର୍ଥ କ୍ଷେତ୍ର। ଏହା ପଞ୍ଜାବ ରାଜ୍ୟର ଅମୃତସରରେ ଅବସ୍ଥିତ। ମନ୍ଦିର ଚତୁଃପାର୍ଶ୍ୱରେ ପ୍ରାଚୀର ଅଛି। ଏଠାରେ କୌଣସି ବିଗ୍ରହ ପୂଜା ପାଏ ନାହିଁ। ପୂଜା ସ୍ଥାନକୁ ଦରବାର ହଲ୍ ବୋଲାଯାଏ। ଶିଖ ଧର୍ମର ଗୁରୁମାନେ ଆଦିଗ୍ରନ୍ଥ ବା ଗ୍ରନ୍ଥ ସାହିବକୁ ନିତ୍ୟ ପଠନ କରି ଶ୍ରଦ୍ଧାଳୁମାନଙ୍କୁ ଶୁଣାନ୍ତି। ଏହାକୁ ଅନୁସରଣ କରି ଜୀବନ କଟାଇବାକୁ କୁହାଯାଏ। ଏହି ଧର୍ମର ପ୍ରାଣ ପ୍ରତିଷ୍ଠାତା ଗୁରୁ ନାନକ। ୧୫୫୭ ରେ ଗୁରୁ ରାମଦାସ ପବିତ୍ର ସରୋବର ମନ୍ଦିରର ଚତୁଃପାର୍ଶ୍ୱରେ ଖୋଳାଇଥିଲେ। ଏହି ମନ୍ଦିର ଚତୁଃପାର୍ଶ୍ୱ ସ୍ଥାନକୁ ରାମଦାସପୁର କୁହାଯାଏ। ପଞ୍ଚମଗୁରୁ ଅର୍ଜୁନ ଏହି କାର୍ଯ୍ୟକୁ ସଂପୂର୍ଣ୍ଣ କରିଥିଲେ। ସେ ଭକ୍ତମାନଙ୍କୁ ସତ୍ୟାନୁସରଣ ଉପରେ ଗୁରୁତ୍ୱ ଦେଇ ପାଳନ କରିବାକୁ ଉପଦେଶ ଦେଉଥିଲେ। ନୈତିକତା ଉପରେ ଗୁରୁବାଣୀ ଗୁରୁତ୍ୱ ଦିଏ। ଗୁରୁଙ୍କ ଉପଦେଶାନୁସାରେ ପାଞ୍ଚଟି 'କ' ଯଥା - କେଶ, କଙ୍ଗି (ପାନିଆ), କଡ଼ା, କୃପାଣ ଓ କଚ୍ଛା ବ୍ୟବହାର କରିବାକୁ କୁହାଯାଏ। ଶିଖ୍‌ମାନେ ଈଶ୍ୱରଙ୍କୁ ଦିବ୍ୟଜ୍ୟୋତି ରୂପେ ପୂଜା କରନ୍ତି। ଏହି ଜ୍ୟୋତି ଗୁରୁଙ୍କ ଜପ ଓ ଧ୍ୟାନ କରାଯାଏ।

ଶିଖମାନଙ୍କର ୨୦ଜଣ ଗୁରୁ ଥିଲେ। ଶିଖ୍ ଧର୍ମ ହିନ୍ଦୁ ଓ ମୁସଲମାନ ମାନଙ୍କୁ ଏକାଠି କରିବାର ଯୋଗସୂତ୍ର ସ୍ଥାପନ କରେ। ଏହି ଆଦର୍ଶ ପ୍ରଥମ ଗୁରୁ ନାନକ ପ୍ରତିଷ୍ଠା କରିଥିଲେ। ଦୁଃଖର ବିଷୟ ପଞ୍ଚମ ଗୁରୁ ଅର୍ଜୁନଙ୍କୁ ୧୬୦୬ ଖ୍ରୀଷ୍ଟାବ୍ଦରେ ସମ୍ରାଟ ଜାହାଙ୍ଗିରଙ୍କ ଆଦେଶରେ ମୁରତାଜା ଖାଁ ହତ୍ୟା କରିଥିଲେ। ଏହାପରେ ଶିଖ୍ ଜାତି ନମ୍ରଭାବ ପରିବର୍ତ୍ତେ ଉଗ୍ରଭାବ ପ୍ରଦର୍ଶନ କରିଥିଲେ। ଗୁରୁ ହରଗୋବିନ୍ଦ ଜପମାଳ ବଦଳରେ ଖଣ୍ଡାଧରି ମୋଗଲ କବଳରୁ ରକ୍ଷା କରିବାର ଉଦ୍ୟମ କରିଥିଲେ। ଶିଖ୍‌ମାନେ ୧୬୨୮ ମସିହାରେ ସମ୍ରାଟ ଶାହାଜାନଙ୍କ ସହ ଯୁଦ୍ଧ କରିଥିଲେ। ଏହି ସମୟରେ ସମର୍ଥ ରାମଦାସ ଶିବାଜୀ ମହାରାଜଙ୍କୁ ମୋଗଲ ବିରୁଦ୍ଧରେ ଯୁଦ୍ଧ କରିବାକୁ ପ୍ରବର୍ତ୍ତାଇଥିଲେ। ସେ ସମୟରେ ଯୁଦ୍ଧର ଆବଶ୍ୟକତା ସମସ୍ତେ ଉପଲବ୍ଧି କରିଥିଲେ। ଦେଶରକ୍ଷା ଓ ଆତ୍ମ ସମ୍ମାନ ପାଇଁ ଏହାର ଆବଶ୍ୟକତା ଥିଲା। ଏସବୁ ସତ୍ତ୍ୱେ ଶିଖ୍‌ମାନଙ୍କର ନବମଗୁରୁ ତେଗ୍ ବାହାଦୂରଙ୍କୁ ଧର୍ମ ପରିବର୍ତ୍ତନ କର ବା ମୃତ୍ୟୁବରଣ କରିବାର ଆହ୍ୱାନ ଦେଇଥିଲେ। ଏହି ପାପ କର୍ମ ସମ୍ରାଟ ଆଉରଙ୍ଗଜେବ କରିଥିଲେ। ଶିଖ ଗୁରୁ ଧର୍ମ ପରିବର୍ତ୍ତନ ଅପେକ୍ଷା ମୃତ୍ୟୁକୁ ଶ୍ରେୟସ୍କର ଭାବି ଜୀବନ ଦାନ କରିଥିଲେ। ତାଙ୍କର ପାର୍ଥୀବ ଶରୀରକୁ ଚାରି ଖଣ୍ଡ କରି ଲାଲକିଲ୍ଲାର ଚତୁର୍ଦ୍ଦିଗରେ ଟାଙ୍ଗି ଦିଆଗଲା। ଏହି ସବୁ କାରଣ ହେତୁ ଶିଖମାନେ ଯୁଦ୍ଧପ୍ରିୟ ହୋଇଥିଲେ। ଏମାନଙ୍କର ଦଶମ ଗୁରୁ ଗୋବିନ୍ଦ ସିଂହଙ୍କୁ ସୈନିକ ସାଧୁ ନାମରେ ଅଭିହିତ କରାଯାଇଥିଲା। ଏହା ହିଁ ଶିଖ୍ ଜାତିର ଇତିହାସ। ତାଙ୍କର ଧର୍ମ ଓ କର୍ମ ଯୋଜନା ଉପରେ ଦୃଷ୍ଟିପାତ କରିବା।

ଏହି ଧର୍ମରେ ସମସ୍ତ ଦର୍ଶନକୁ ଆସୁଥିବା ଭକ୍ତଙ୍କୁ ଗୁରୁଦ୍ୱାରରେ ମାଗଣାରେ ପ୍ରସାଦ ଦିଆଯାଏ। ପ୍ରତ୍ୟେକ ଦିନ ପ୍ରାୟ ୩୦ ହଜାର ଭକ୍ତ ଦର୍ଶନକୁ ଆସି ପ୍ରସାଦ ବା ଲଙ୍ଗର ପାଇଥାଆନ୍ତି। ଯେଉଁମାନେ ଭୋଜନ ସମୟ ବ୍ୟତୀତ ଅନ୍ୟ ସମୟରେ ଆସନ୍ତି ସେମାନଙ୍କୁ ମିଠା ହାଲୁଆ ପ୍ରସାଦ ଦିଆଯାଏ। ଏହାହିଁ ଗୁରୁଦ୍ୱାରର ପରମ୍ପରା। ପୂର୍ବରୁ କୁହାଯାଇଛି ମନ୍ଦିରରେ ବିଗ୍ରହ ନାହିଁ। ତେଣୁ ଗୁରୁବାଣୀ ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ। ଏହି ବିଷୟରେ ସମସ୍ତେ ଅବଗତ ହେବା ଉଚିତ। ବିଗ୍ରହ ନଥିବାରୁ ଗୁରୁବାଣୀର କେଇପଦ ସଂକ୍ଷେପରେ ଦିଆଯାଇଛି। ଶିଖ ଧର୍ମ ସେବା ଓ ତ୍ୟାଗ ଉପରେ ଗୁରୁତ୍ୱ ପ୍ରଦାନ କରେ। ସେବା ନିଃସ୍ୱାର୍ଥପର ହେବା ସହ ପ୍ରେମ ଯୁକ୍ତ ହେବା ବିଧେୟ। ଏପରି ହେଲେ ଗୁରୁକୃପା ମିଳିବ। ଗୁରୁଙ୍କ ଚରଣ କମଳ ହୃଦୟରେ ସ୍ଥାପନ କରି ସେବା କରାଯାଏ। ନମ୍ରତା ସହ ମାନବ କଲ୍ୟାଣ ପାଇଁ ସେବା କରାଯାଏ। ସେବାରେ ପୁରସ୍କାର ବା ସମ୍ମାନ ପାଇବାର ଅଧିକାର ଆଶା କରାଯାଏ ନାହିଁ। ଏହାହିଁ ଗ୍ରନ୍ଥ ସାହିବର ଶାଶ୍ୱତ ବାଣୀ। ଏହା ବ୍ୟତୀତ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଆରୋପ କରାଯାଏ। ଗୁରୁବାଣୀରେ ଅଛି ସତ୍ୟାନୁସରଣ ପାଇଁ ପ୍ରେମ ଆବଶ୍ୟକ। ଈଶ୍ୱରଙ୍କ ନାମ ନେଲେ ସତ୍ୟ ଉପଲବ୍ଧି କରିବ। ସତ୍ୟ ସମସ୍ତ ପାପ ଧୌତ କରିଦିଏ। ପୁନଶ୍ଚ ଉଲ୍ଲେଖ ଅଛି ଈଶ୍ୱର ପ୍ରେମ, ନାମ କୀର୍ତ୍ତନ, ଚରିତ୍ରର ପବିତ୍ରତା ଓ ତ୍ୟାଗ ହିଁ ଶ୍ରେଷ୍ଠ ସାଧନା। ପ୍ରେମ ଈଶ୍ୱର ଓ ଜଗତ ମଧ୍ୟରେ ଏକତ୍ୱବୋଧ ପ୍ରତିଷ୍ଠା କରେ। ଯିଏ ଈଶ୍ୱରଙ୍କୁ ଭଲ ପାଆନ୍ତି ସେ ସମସ୍ତଙ୍କୁ ଭଲପାଆନ୍ତି କାରଣ ଈଶ୍ୱର ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ। ଗୁରୁବାଣୀରେ କୁହାଯାଇଛି 'ହେ ପୃଥିବୀବାସୀ ! ମନେରଖ ଯେଉଁମାନେ ପ୍ରେମ ପ୍ରଦର୍ଶନ ସହ ସମର୍ପଣ ଭାବରେ ପରିଚାଳିତ, ସେହିମାନେ ଈଶ୍ୱର ପ୍ରାପ୍ତ ହେବେ।' ପୁନଶ୍ଚ ଶାସ୍ତ୍ର କହେ - ମୁସଲିମ ମାନଙ୍କ ଆଲ୍ଲା ଓ ହିନ୍ଦୁମାନଙ୍କର ପରଂବ୍ରହ୍ମ ଏକ ଏବଂ ଅଭିନ୍ନ। ଏହା ସର୍ବଧର୍ମ ସମନ୍ୱୟ ପ୍ରତିଷ୍ଠା କରେ। ଗୁରୁଦ୍ୱାର ଉପାସନାସ୍ଥଳୀ ଏକ ପବିତ୍ର ସ୍ଥାନ। ଏଠାରେ ଧ୍ୟାନ କରି ଜ୍ୟୋତିକୁ ହୃଦୟରେ ଧାରଣ କଲେ ମୁକ୍ତି ମିଳିଥାଏ ବୋଲି କୁହାଯାଏ। ଏହିସବୁ ତତ୍ତ୍ୱ ଜ୍ଞାନ ଉପଲବ୍ଧି କରି ସେ ସ୍ଥାନରୁ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଅମୃତସରରେ ଥିବା ଅନ୍ୟ ସ୍ଥାନ ଯଥା - ପାକିସ୍ଥାନ ସୀମା ଓ ଜାଲିଆନାୱାଲାବାଗ୍ ରକ୍ତତୀର୍ଥ ଦେଖିବାକୁ ହେଲା। ଏସବୁ ପରେ ସ୍ୱସ୍ଥାନ ଓଡ଼ିଶାକୁ ଫେରିଆସିଲୁ।



ଉତ୍ତରାୟଣ, ୭୩୮/୧୦, ଜୟଦେବ ବିହାର, ଭୁବନେଶ୍ୱର
ଦୂରଭାଷ : ୯୪୩୭୪୩୭୯୭୦

# ଗୋପାଳପୁର ବନ୍ଦର ତରଫରୁ କରୋନା ସଚେତନତା



**ବ୍ରହ୍ମପୁର :** ସମଗ୍ର ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା କୋଭିଡ୍-୧୯କୁ ବ୍ୟାପିବାରୁ ରୋକିବା ଲାଗି ଗୋପାଳପୁର ପୋର୍ଟସ୍ ଲିମିଟେଡ୍ (ଜିପିଏଲ୍) ତରଫରୁ ସମସ୍ତ ପ୍ରକାରର ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଜାହାଜ ମହାନିର୍ଦ୍ଦେଶାଳୟ (କେନ୍ଦ୍ର ସରକାରଙ୍କ ଜାହାଜ ମନ୍ତ୍ରଣାଳୟ) ଓ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବେଶ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଓ ଦିଶାନିର୍ଦ୍ଦେଶ ସହିତ ସମସ୍ତ ସ୍ଥାନୀୟ ଓ ବିଦେଶୀ ଜାହାଜ ଏବଂ ଜାହାଜରେ ଥିବା କର୍ମଚାରୀଙ୍କ ନିୟମିତ ନିରୀକ୍ଷଣ ଓ ପରୀକ୍ଷା ଲାଗି ଏକ ସ୍ୱୟଂସମ୍ପୂର୍ଣ୍ଣ ପରୀକ୍ଷା ବ୍ୟବସ୍ଥା ସ୍ଥାପନ କରାଯାଇଛି। ଭାରତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ତାଲିକାରେ ଥିବା ରାଷ୍ଟ୍ରଗୁଡ଼ିକ ଯଥା ଚୀନ, କୋରିଆ, ଜାପାନ, ଇଟାଲୀ ଇତ୍ୟାଦିରୁ ଆସିଥିବା ଯେକୌଣସି ପ୍ରକାର ଜାହଜକୁ ୧୪ ଦିନ ପର୍ଯ୍ୟନ୍ତ କ୍ୱାରେଣ୍ଟାଇନ୍ ବା ସଙ୍ଗରୋଧ କରାଯାଉଛି। ୧୪ ଦିନ ଅବଧି ସରିବା ପରେ ଜାହାଜର ସଦସ୍ୟମାନଙ୍କ ସ୍ୱାସ୍ଥ୍ୟର ବିଭିନ୍ନ ପ୍ରକାର ଲକ୍ଷଣର ଯାଞ୍ଚ କରାଯାଇଛି। ଆବଶ୍ୟକ ହେଲେ ପରୀକ୍ଷା ମଧ୍ୟ କରାଯାଉଛି। କୋଭିଡ୍-୧୯ ବ୍ୟାପିବାକୁ ରୋକିବା ଲାଗି ଅନ୍ୟ ଦେଶଗୁଡ଼ିକରୁ ଆସୁଥିବା ଜାହାଜଗୁଡ଼ିକରେ ଥିବା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭଲ ଥିବା ସଂକ୍ରାନ୍ତରେ ଜାହାଜ ମାଷ୍ଟରଙ୍କ ଠାରୁ ବନ୍ଦରରେ ଜାହଜ ପହଞ୍ଚିବାର ୨୪ ଘଣ୍ଟା ପୂର୍ବରୁ ପ୍ରାକ୍ ସୂଚନା ମଗାଯାଉଛି। ଏହା ବ୍ୟତୀତ ବନ୍ଦର ତରଫରୁ ନିଜସ୍ୱ ଷ୍ଟାଣ୍ଡାର୍ଡ ଅପରେଟିଂ ସିଷ୍ଟମ (ଏସ୍‌ଓପି) ବିକଶିତ କରି ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ଆନ୍ତର୍ଜାତିକ ମାରିଟାଇମ ସଂଗଠନ (ଆଇଏମଓ) ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର 'ମାରିଟାଇମ ଡିକ୍ଲାରେସନ ହେଲ୍‌ଥରେ ଦିଆଯାଇଥିବା ପରାମର୍ଶକୁ ପାଳନ କରାଯାଉଛି। ପୋର୍ଟ ହେଲ୍‌ଥ୍ ଓ ମାରିଟାଇମ୍ ଟିମ୍ ତରଫରୁ ୨୪ ଘଣ୍ଟା ଭିତରେ ବନ୍ଦରର ସମସ୍ତ ତାଲିକାକୁ ଯାଞ୍ଚ କରାଯାଉଛି। ଅତିରିକ୍ତ ପ୍ରତିଷେଧକ ପଦକ୍ଷେପ ଲାଗି ବନ୍ଦର ପରିସରରେ ଥିବା ସମସ୍ତ ବିଦେଶର ଜାହାଜଗୁଡ଼ିକ ବନ୍ଦରରୁ ଚାଲିନଯିବା ପର୍ଯ୍ୟନ୍ତ, ସେଥିରେ ଥିବା ସମସ୍ତ ସଦସ୍ୟମାନଙ୍କ ଶରୀରର ତାପମାତ୍ରାକୁ ପ୍ରତିଦିନ ଦୁଇଥର (୬ଟା ଏବଂ ୧୮ ଘଟିକାରେ) ମପା ହେଉଛି। ଏକ ସଙ୍ଗରୋଧ ବା ଆଇସୋଲେସନ ୱାର୍ଡ ଗଠନ କରାଯାଇଛି। ସ୍ପର୍ଶବିହୀନ ଇନଫ୍ରାରେଡ୍ ତାପମାତ୍ରା ଗନ୍, ଏନ-୯୫ ଫେସ୍ ମାସ୍କ, ଡିସପୋଜେବଲ୍ ଗ୍ଲୋଭ୍‌ସ ଓ କ୍ୟାପ୍, ସମ୍ପୂର୍ଣ୍ଣ ବ୍ୟବସ୍ଥା ସହିତ ୩ ଜଣ ପାରା ମେଡିକାଲ ଷ୍ଟାଫ୍ ଥିବା ଏକ ଆମ୍ବୁଲାନ୍ସ ୨୪ ଘଣ୍ଟା ପାଇଁ ପ୍ରସ୍ତୁତ ହୋଇ ରହୁଛି। ପରିଚାଳନା ଷ୍ଟାଫ୍‌ମାନଙ୍କ ଲାଗି ଜାହାଜ ବୋର୍ଡିଂ ହେଉଥିବା ଅଞ୍ଚଳରେ ନିୟମିତ ଭାବେ ସଂକ୍ରମଣକୁ ରୋକିବା ପାଇଁ ଡି-କଣ୍ଟାମିନେସନ ଲିକ୍ୱିଡ (ସୋଡିୟମ ହାଇପୋକ୍ଲୋରାଇଡ୍) ସିଞ୍ଚନ କରାଯାଉଛି। କରୋନା ଭାଇରସ୍‌କୁ ବ୍ୟାପିବାରୁ ରୋକିବା ଲାଗି ଜିପିଏଲ୍ ପକ୍ଷରୁ ଏହାର କର୍ମଚାରୀ ଏବଂ ଶ୍ରମିକମାନଙ୍କ ମଧ୍ୟରେ ସ୍ୱଚ୍ଛତାକୁ ନେଇ ସଚେତନତା ସୃଷ୍ଟି କରିବା ଲାଗି ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ନୋଭେଲ୍ କରୋନା ଭାଇରସ୍ ବ୍ୟାପିବା ଦିନ ଠାରୁ ଜିପିଏଲ୍ ସମସ୍ତ ପ୍ରକାରର ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିଛି। ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଓ ଏମ୍‌କେସିଜି ସରକାରୀ ହସ୍ପିଟାଲ୍‌ର ଟିମ୍‌ଙ୍କୁ ନେଇ ଗତ ଫେବ୍ରୁଆରୀ ୫ ତାରିଖରେ ବନ୍ଦର ତରଫରୁ ମକ୍ ଡ୍ରିଲ୍ ଓ ପ୍ରସ୍ତୁତି ଅଭିଯାନକୁ ବନ୍ଦର ପରିସରରେ ଆୟୋଜନ କରାଯାଇଥିଲା। ମାର୍ଚ୍ଚ ୧୨ରେ କୋଷ୍ଟ ଗାର୍ଡ ଅଧିକାରୀମାନେ ବନ୍ଦର ପରିଦର୍ଶନରେ ଆସିଥିଲେ ଏବଂ କୋଭିଡ୍-୧୯କୁ ନେଇ ବନ୍ଦର କରିଥିବା ପ୍ରସ୍ତୁତିକୁ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ଜାହାଜରେ କାର୍ଯ୍ୟ କରିବା ବେଳେ ସମ୍ପୂର୍ଣ୍ଣ ସାନିଟାଇଜ୍ ହୋଇଥିବା ସାମୁଦ୍ରିକ ପାଇଲଟ ସାରା ଶରୀରକୁ ସର୍ଜିକାଲ୍ ସୁରକ୍ଷାରେ ଘୋଡ଼େଇ କାର୍ଯ୍ୟ କରୁଛନ୍ତି। ବର୍ଥ ଅଞ୍ଚଳରେ କୌଣସି ପ୍ରକାର କାର୍ଯ୍ୟ କରିବାରେ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କୁ କାମ କରିବା ପୂର୍ବରୁ ଓ ପରେ ଫେସ୍ ମାସ୍କ ଓ ହ୍ୟାଣ୍ଡ୍ ସାନିଟାଇଜର୍ ପ୍ରଦାନ କରାଯାଉଛି। ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷ ଏହାର ଲୋକ ଏବଂ ପାରିପାର୍ଶ୍ୱିକ ଗ୍ରାହକଙ୍କୁ ସୁରକ୍ଷିତ ଓ ସଂକ୍ରମଣରୁ ମୁକ୍ତ କରିବା ପାଇଁ ଉଚିତ୍ ପରିବେଶ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ କୋଭିଡ-୧୯କୁ ବ୍ୟାପିବାରୁ ରୋକିବା ଲାଗି ଏହା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି।

# ରାଜ୍ୟସଭାକୁ ବିଜେଡିର ୪ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ



**ଭୁବନେଶ୍ୱର :** ରାଜ୍ୟସଭା ନିର୍ବାଚନ ପାଇଁ ଓଡିଶାରୁ ନାମାଙ୍କନପତ୍ର ଦାଖଲ କରିଥିବା ୪ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ବୁଧବାର ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଥିବା ବେଳେ କୌଣସି ପ୍ରାର୍ଥୀ ନିଜର ନାମାଙ୍କନପତ୍ର ପ୍ରତ୍ୟାହାର କରିନଥିଲେ। ଫଳରେ ରିଟର୍ଣ୍ଣିଂ ଅଫିସର ଦାଶରଥୀ ଶତପଥୀ ବିଜୁ ଜନତା ଦଳର ପ୍ରାର୍ଥୀ ସୁବାସ ସିଂ, ମୁଜିବୁଲ୍ଲା(ମୁନ୍ନା) ଖାଁ, ସୁଜିତ କୁମାର ଓ ମମତା ମହାନ୍ତଙ୍କୁ ନିର୍ବାଚିତ ଘୋଷଣା କରିବା ସହିତ ସେମାନଙ୍କୁ ନିର୍ବାଚନ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ପରେ ପରେ ନିର୍ବାଚିତ ପ୍ରାର୍ଥୀମାନେ ବାଚସ୍ପତି ଡଃ. ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସୌଜନ୍ୟ ସାକ୍ଷାତ କରିଥିବା ବେଳେ ବାଚସ୍ପତି ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରକାଶଥାଉ କି, ୨୦୨୦ ଏପ୍ରିଲ ୨ ରେ ରାଜ୍ୟସଭା ସଦସ୍ୟ ରଞ୍ଜିବ ବିଶ୍ୱାଳ, ସରୋଜିନୀ ହେମ୍ବ୍ରମ, ନରେନ୍ଦ୍ର କୁମାର ସ୍ୱାଇଁଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ସେହିପରି କେନ୍ଦ୍ରାପଡା ଲୋକସଭା ଆସନରୁ ସାଂସଦ ଅନୁଭବ ମହାନ୍ତି ଲୋକସଭାରୁ ନିର୍ବାଚିତ ହେବା ପରେ ତାଙ୍କର ରାଜ୍ୟସଭା ଆସନ ଏପର୍ଯ୍ୟନ୍ତ ଖାଲି ପଡିଛି। ଓଡିଶାର ଖାଲି ହେବାକୁ ଥିବା ଏହି ୪ ଆସନ ପାଇଁ ଆସନ୍ତା ୨୬ ରେ ଭୋଟ ଗ୍ରହଣ ହେବା ନିମନ୍ତେ ନିର୍ବାଚନ ଆୟୋଗ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିଥିଲା। ସଂଖ୍ୟା ଦୃଷ୍ଟିରୁ ବିଜେଡି ଖାତାରେ ୩ ଟି ଆସନ ସୁନିଶ୍ଚିତ ହୋଇଥିବା ବେଳେ ଚତୁର୍ଥ ଆସନ ପାଇଁ କଡ଼ା ଟକ୍କର ହେବ ବୋଲି ଆଶା କରାଯାଉଥିଲା। ଗୋଟିଏ ପଟେ କଂଗ୍ରେସ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବା ପାଇଁ ଆବଶ୍ୟକ ସଂଖ୍ୟା ନଥିବାରୁ ନିର୍ବାଚନରେ ପ୍ରାର୍ଥୀ ଦେବ ନାହିଁ ବୋଲି ସ୍ପଷ୍ଟ କରିବା ଏବଂ ସିପିଆଇ ଏହି ନିର୍ବାଚନରୁ ନିଜକୁ ଦୂରେଇ ରଖିବା ପରେ ବିଜେପି ମଧ୍ୟ ନିଜର ସଂଖ୍ୟା ନଥିବାରୁ ରାଜ୍ୟସଭା ନିର୍ବାଚନରେ ପ୍ରାର୍ଥୀ ଦେଇନଥିଲା। ଫଳରେ ବିଜେଡିର ସମସ୍ତ ୪ ପ୍ରାର୍ଥୀ ସୁବାସ ସିଂ, ମୁନା ଖାଁ, ସୁଜିତ କୁମାର ଓ ମମତା ମହାନ୍ତ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେବା ନେଇ ପଥ ପରିଷ୍କାର ହୋଇଥିଲା।



# ଲୋକଙ୍କ ଆଶା ଓ ଆକାଂକ୍ଷା ଶାସନ ବ୍ୟବସ୍ଥାର ଦୃଷ୍ଟିକୁ ଆଣିବି : ସିଦ୍ଧାର୍ଥ ଦାସ

ଅଳ୍ପ କଥା



*ସମ୍ବଲପୁର : ଦୀର୍ଘ ନଅମାସ ଧରି ବିଜୁ ଜନତା ଦଳ ସମ୍ବଲପୁର ଜିଲ୍ଲା ସଭାପତି ଭାବେ ସିଦ୍ଧାର୍ଥ ଦାସଙ୍କ ନିଯୁକ୍ତିକୁ ଦଳୀୟ ସକ୍ରିୟ କର୍ମୀମାନେ ସ୍ୱାଗତ କରିଛନ୍ତି। ପୂର୍ବରୁ ଗୋଷ୍ଠୀ କନ୍ଦଳ ଯୋଗୁଁ ସାଧାରଣ ନିର୍ବାଚନ ବେଳେ ବି' ଏହି ପଦ ରିକ୍ତ ପଡିଥିଲା। ଜଣେ ଦୃଢ଼ ସଂଗଠକ ତଥା ସ୍ୱାଧୀନଚେତା ବ୍ୟକ୍ତିତ୍ୱ ଭାବେ ପରିଚିତ ଶ୍ରୀ ଦାସଙ୍କ ଦାୟିତ୍ୱ ଗ୍ରହଣ ପରେ ଦଳରେ ନୂତନ ଉତ୍ସାହ ଦେଖାଦେଇଛି। ଏହାର ପ୍ରମାଣ ଦେଖିବାକୁ ମିଳିଥିଲା, ବିଜୁ ଜୟନ୍ତୀର ପ୍ରସ୍ତୁତି ବେଳେ ଯେଉଁଠି ତଥାକଥିତ ବିଭିନ୍ନ ଗୋଷ୍ଠୀ କୁହାଯାଉଥିବା ସମସ୍ତେ ଉପସ୍ଥିତ ଥିଲେ। ଆଗକୁ ମହାନଗର ନିଗମ ଓ ପଞ୍ଚାୟତ ନିର୍ବାଚନ ଥିବା ବେଳେ ସିଦ୍ଧାର୍ଥଙ୍କ ନେତୃତ୍ୱରେ ଦଳକୁ ସଫଳତା ଦେବା ତାଙ୍କ ପାଇଁ ଆହ୍ୱାନ ହେବ। ସମ୍ବଲପୁର ପୌର ନିର୍ବାଚନରେ ଏ ପର୍ଯ୍ୟନ୍ତ ବିଜେଡିକୁ ସଫଳତା ମିଳିନାହିଁ। ମହାନଗର ନିଗମର ପ୍ରଥମ ନିର୍ବାଚନ ତଥା ସିଦ୍ଧାର୍ଥଙ୍କ ନେତୃତ୍ୱରେ ମଧ ପ୍ରଥମ ନିର୍ବାଚନ ସାମ୍ନା କରିବାକୁ ବ୍ୟାପକ ରଣନୀତିର ଆବଶ୍ୟକତା ହେଉଛି ବୋଲି ବିଶେଷଜ୍ଞ ମତ ଦେଉଛନ୍ତି।*

**ଏକମାତ୍ର :** ଜିଲ୍ଲା ସଭାପତି ଦାୟିତ୍ୱ ନେବା ପରେ ଆପଣଙ୍କ ଭିଜନ କଣ ରହିବ ?

**ସିଦ୍ଧାର୍ଥ :** ଗୋଟିଏ ରାଜନୈତିକ ଦଳ କ୍ଷମତାରେ ରହିଲେ, ପ୍ରଥମ କର୍ତ୍ତବ୍ୟ ହେଉଛି ବିକାଶର ଯେଉଁ ଧାରା ରହିଛି, ଶାସନର ଯେଉଁ ବ୍ୟବସ୍ଥା ରହିଛି, ତା ସହିତ ଜନସାଧାରଣଙ୍କୁ ଯୋଡିଦେବା ଉଚିତ୍। ବିଗତ ୨୦ବର୍ଷ ଧରି ନବୀନ ବାବୁଙ୍କ ସରକାରରେ ହେଉଛି। ବିଜୁ ବାବୁଙ୍କ ପରେ ଓଡ଼ିଶାର ବିକାଶ ସ୍ଥାଣୁ ହୋଇ ରହିଥିଲା। ଯାହା ଅଣଦେଖା ରହିଯାଇଛି, ତାକୁ ଦୃଷ୍ଟି ଦିଆଯିବ। ବିକାଶର ସୁଫଳ ସବୁ ଅଞ୍ଚଳର, ସବୁ ବର୍ଗର ଲୋକ ପାଇବେ, ତାହାକୁ ଗୁରୁତ୍ୱ ଦିଆଯିବ। ସରକାରଙ୍କ ଜନକଲ୍ୟାଣ ବ୍ୟବସ୍ଥାର ଆଭିମୁଖ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇବୁ।

**ଏକମାତ୍ର :** ସମ୍ବଲପୁର ଜିଲ୍ଲା ସଂଗଠନ ପାଇଁ କଣ ଯୋଜନା କରିଛନ୍ତି ?

**ସିଦ୍ଧାର୍ଥ :** ମୋର ପ୍ରଥମ ଓ ଏକମାତ୍ର ଆଭିମୁଖ୍ୟ ହେଲା ଦଳକୁ ମୁଁ ସଙ୍ଗଠିତ କରିବି। ଲୋକମାନଙ୍କର ଆଶା ଓ ଆକାଂକ୍ଷା ଶାସନ ବ୍ୟବସ୍ଥାର ଦୃଷ୍ଟିରେ ପକେଇବି। ଓଡ଼ିଶାର ଶାସନ ଓ ପ୍ରଶାସନ ଦ୍ୱାରା ଚାଲୁଥିବା ଅଗଣିତ ଯୋଜନାର ସୁଫଳ କେମିତି ସାଧାରଣ ଜନତା ପାଇପାରିବେ ସେ ଦିଗରେ ଉଦ୍ୟମ କରିବା।

**ଏକମାତ୍ର :** ସମ୍ବଲପୁର ଜିଲ୍ଲାରେ ଦୁଇଟି ବିଧାନସଭା ଆସନ ପରାଜୟ ଉପରେ ଆପଣଙ୍କ ମତ କଣ ?

**ସିଦ୍ଧାର୍ଥ :** କୌଣସି ବି ରାଜନୈତିକ ଦଳ କୌଣସି ରାଜ୍ୟରେ ସମସ୍ତ ଆସନ ଜିଣନ୍ତି ନାହିଁ। ଗତଥର ତିନିଜଣ ବିଧାୟକ ଥିଲେ, ଏଥର ୨ଜଣ ଅଛନ୍ତି। କୁଚିଣ୍ଡା ଲାଭ କରିଛୁ, ସମ୍ବଲପୁର ଓ ରେଙ୍ଗାଲି ହରେଇ ଦେଇଛୁ। ନିଶ୍ଚିତ କାରଣ ଅଛି, ଦଳ ବିଚାର କରିବ। ଏହାର ଅର୍ଥ ନୁହେଁ ଯେ ଆମେ ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେଇଛୁ। ଅତିକମ୍ ବ୍ୟବଧାନରେ ବିଜୟରୁ ବଞ୍ଚିତ ହେଇଛୁ। ତାକୁ ସମୀକ୍ଷା ଓ ସମାଧାନ କରାଯିବ।

*ପ୍ରସ୍ତୁତି : ଦାମୋଦର ପଣ୍ଡା*

# 'ଆତଙ୍କିତ ନହୋଇ କରୋନା ବିରୋଧରେ ଲଢ଼ିବା'



**ଭୁବନେଶ୍ୱର :** ସଂପ୍ରତି ଭୟାବହ କରୋନା ଭୂତାଣୁ ସଂକ୍ରମଣ ସମଗ୍ର ପୃଥିବୀର ମାନବ ଜାତି ପାଇଁ ଏକ ଆହ୍ୱାନ ଭାବରେ ଦେଖା ଦେଇଛି। ଏହାର ସଫଳ ମୁକାବିଲା ନିମନ୍ତେ ପ୍ରତ୍ୟେକ ସ୍ତରରେ ଉଦ୍ୟମ ହେବା ଦରକାର। ଓଡ଼ିଶାରେ ରାଜ୍ୟ ସରକାର ଅନେକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ନେଇଛନ୍ତି। ବ୍ୟାପକ ଜନସଚେତନତା ସୃଷ୍ଟି କରିବା ସହ ନିୟମିତ ସମୀକ୍ଷା ଓ ଆବଶ୍ୟକ ମୁତାବକ ତ୍ୱରିତ ପଦକ୍ଷେପ ନେଉଛନ୍ତି। ନିଜକୁ ତଥା ଅନ୍ୟମାନଙ୍କୁ 'କରୋନା' ସଂକ୍ରମଣରୁ ସୁରକ୍ଷିତ ରଖିବା ପାଇଁ ପ୍ରତ୍ୟେକ ସହଯୋଗ ଓ ସକାରାତ୍ମକ କ୍ରିୟାଶୀଳତା ପ୍ରଦର୍ଶନ କରିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। କରୋନା ଭୂତାଣୁ ସଂକ୍ରମଣକୁ ସାମଗ୍ରିକ ଭାବରେ ମଣିଷର କରୁଣାହୀନ ଆଚରଣର ଫଳ ବୋଲି ପ୍ରକାଶ କରି ରାଜ୍ୟପାଳ ପ୍ରଫେସର ଲାଲ କହିଛନ୍ତି ଯେ ପ୍ରକୃତି ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଦାୟିତ୍ୱପୂର୍ଣ୍ଣ ଜୀବନଶୈଳୀ ହେଉଛି ସୃଷ୍ଟିର ମୂଳମନ୍ତ୍ର। ଏଥିରେ ବିଚ୍ୟୁତି ହେଲେ ଅନେକ ବିଭ୍ରାଟ ସୃଷ୍ଟି ହୁଏ ଓ 'କରୋନା' ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ହୁଏ। ଆଧାତ୍ମିକତା ହେଉଛି ଭାରତୀୟତାର ଆତ୍ମା। ଏହାକୁ ଆଧାର କରି ଜୀବନଯାପନ କରିବା ବିଧେୟ। ଓଡ଼ିଶା ହେଉଛି ଦିବ୍ୟଭୂମି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବିଜେସ୍ଥାନ। ଓଡ଼ିଶାର ଜନଜୀବନ ଆଧାତ୍ମିକ ଭାବଧାରାରେ ପରିଚାଳିତ। ମହାପ୍ରଭୁଙ୍କ ଛତ୍ରଛାୟାରେ ରହିଛି ସାରା ଓଡ଼ିଶା। ଏଠାରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆଶା କରାନଯାଇପାରେ। ଏହି ସ୍ଥିତିରେ ମାନବସମାଜ ପାଇଁ ଯେଉଁ ବାର୍ତ୍ତା ରହିଛି, ତାକୁ ଗ୍ରହଣ କରି ଭବିଷ୍ୟତ କାର୍ଯ୍ୟପନ୍ଥା, ଜୀବନଶୈଳୀ ଓ ପ୍ରକୃତି ଅନୁକୂଳ ଭାବଧାରାକୁ ଆପଣାଇବାକୁ ରାଜ୍ୟପାଳ ପ୍ରଫେସର ଲାଲ ଆହ୍ୱାନ ଦେଇଛନ୍ତି।

## କରୋନା ପାଇଁ ମୁଖ୍ୟମନ୍ତ୍ରୀଙ୍କ ୧୨ଟି ପରାମର୍ଶ

# ବୟସ୍କଙ୍କ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର :** ୨୦୦୦ ମସିହା ଜନଗଣନା ଅନୁଯାୟୀ ଓଡ଼ିଶାରେ ବୟସ୍କ ଲୋକଙ୍କ ସଂଖ୍ୟା ପୂରା ଜନସଂଖ୍ୟାର ୧୦ ପ୍ରତିଶତ। ଏମାନଙ୍କ ମଧ୍ୟରୁ ମା', ବାପା, ଅଜା, ଆଇ ଜେଜବାପା, ଜେଜମା ଆଦି ରହିଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ବିଭିନ୍ନ ରୋଗରେ ପୀଡ଼ିତ ଥିବା ଲୋକମାନଙ୍କର ଟିକେ ଅଧିକ ଯତ୍ନ ନେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ଏହି ସମୟରେ ସେମାନଙ୍କୁ ନିଃସଙ୍ଗ ଛାଡ଼ି ନଦେଇ ସେମାନଙ୍କୁ ଘରେ ରଖନ୍ତୁ। ଏଥିପାଇଁ ମୁଖ୍ୟମନ୍ତ୍ରୀ ୧୨ଟି ଦିଗ ପ୍ରତି ଗୁରୁତ୍ୱ ଦେଇଛନ୍ତି। ଯେଉଁଥିରେ ବୟସ୍କମାନଙ୍କୁ ଘରେ ରଖିବା ସହିତ ସେମାନଙ୍କ କଥାକୁ ଶୁଣିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେହିପରି କରୋନା ଭାଇରସ ନେଇ ସେମାନଙ୍କ ସହିତ କଥା ହେଲେ ମଧ ଅଧିକ ଥର ତାଙ୍କୁ ଏ ସମ୍ପର୍କରେ ନଜଣାଇବା ଭଲ। କରୋନା କଥା ନହୋଇ ଅନ୍ୟ ବିଷୟ ଯଥା- ସେମାନଙ୍କ ପୁରୁଣା କଥାକୁ ମନେ ପକାଇବା, ସେମାନଙ୍କ ପିଲାଦିନର କଥାକୁ ପଚାରିବା, ତାଙ୍କ ମନପସନ୍ଦର ବହି ଦେବା ସାଙ୍ଗକୁ ବହି ବିଷୟରେ ତାଙ୍କ ସହିତ କିଛି କଥା ହେବା ପାଇଁ ମଧ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ବ୍ୟତୀତ ବୟସ୍କ ଲୋକମାନଙ୍କର କୌଣସି ସମ୍ପର୍କୀୟ ଥିଲେ ସେମାନଙ୍କ ସହିତ କଥା କରେଇଦେବା ବା ଭିଡିଓ କଲ୍ ମାଧ୍ୟମରେ ମୁହଁ ଦେଖେଇବା ପାଇଁ ଚେଷ୍ଟା କରନ୍ତୁ। ସେହିପରି ବୟସ୍କ ବ୍ୟକ୍ତିମାନଙ୍କ ସହିତ ସାମାଜିକ ଗୁରୁତ୍ୱ ରଖିବା ସହ ସେମାନଙ୍କ ପରାମର୍ଶ ଲୋଡ଼ନ୍ତୁ ଓ ତାଙ୍କ ସହିତ ମିଳିମିଶି କାମ କରନ୍ତୁ। ତାଙ୍କ ମନପସନ୍ଦର ରୋଷେଇ କରିବାକୁ ମଧ ଗୁରୁତ୍ୱ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ତାଙ୍କପାଇଁ ସବୁଦିନ ଗୋଟେ ନୂଆ ଜିନିଷ ରୋଷେଇ କରିବା ସହିତ ସାମାଜିକ ଦୂରତ୍ୱ ରଖୁଥିଲେ ବି ଦିନରେ ଅନ୍ତତଃ ଥରୁଟିଏ ଏକାସଂଗେ ଖାଦ୍ୟ ଖାଆନ୍ତୁ। ତାଙ୍କ ସମୟର ଗୀତ ବା ସିନେମାକୁ ମଧ ଦେଖାଇବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ସହିତ ତାଙ୍କୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ତାଙ୍କର ନିତିଦିନିଆ ଔଷଧ ସେବନର ଦାୟିତ୍ୱ ନେବା ପାଇଁ କୁହାଯାଇଛି। ସବୁଠାରୁ ବଡ଼ କଥା ହେଲା ନାତି ନାତୁଣିମାନଙ୍କ ସହିତ ଖେଳଠାରୁ ତାଙ୍କୁ ଟିକେ ଦୂରେଇ ରଖନ୍ତୁ। କାରଣ ଛୋଟପିଲାମାନଙ୍କ ଉପରେ କରୋନାର ବିଶେଷ ପ୍ରଭାବ ପଡୁନଥିବା ବେଳେ ସେମାନେ ଆସି ଜେଜେ ଜେଜେମା'ମାନଙ୍କୁ ଛୁଉଁଥିବାରୁ ତାଙ୍କଦ୍ୱାରା ସଂକ୍ରମଣ ବ୍ୟାପୁଛି। ଫଳରେ ଏହା ପରବର୍ତ୍ତୀ ସମୟରେ ବୟସ୍କ ଲୋକମାନଙ୍କ ପ୍ରତି ସମସ୍ୟା ସୃଷ୍ଟି କରିବାର ଆଶଙ୍କା ଥିବାରୁ ଏହିସବୁ ଦିଗ ପ୍ରତି ଯଥେଷ୍ଟ ସଚେତନ ହେବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି।

# 'ଧୈର୍ଯ୍ୟ ଓ ସାହାସର ସହ କରୋନା ଆହ୍ୱାନର ମୁକାବିଲା କରିବାକୁ ପଡିବ'



**ଭୁବନେଶ୍ୱର :** କରୋନା ଭୂତାଣୁ ବିଶ୍ୱ ମହମାରୀର ରୂପ ନେଇଥିବା ବେଳେ ଆମ ସମସ୍ତଙ୍କୁ ମିଳିମିଶି ଏଭଳି ପ୍ରାକୃତିକ ସଂକଟକୁ ସାମ୍ନା କରିବାକୁ ପଡିବ । ରାଜ୍ୟ ତଥା ଦେଶବାସୀ କୌଣସି ପ୍ରକାର ଭୟଭୀତ ନହୋଇ ଧୈର୍ଯ୍ୟ ଓ ସାହସର ସହ ବିଶ୍ୱ ମହାମାରୀ କରୋନା ଭାଇରସ ବିରୁଦ୍ଧରେ ମୁକାବିଲା କରନ୍ତୁ ବୋଲି ସାମାଜିକ ଗଣମାଧ୍ୟମରେ ଭିଡିଓ ବାର୍ତା ମାଧ୍ୟମରେ ଆହ୍ୱାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସାଂପ୍ରତିକ ସ୍ଥିତିରେ ଭୟଭୀତ ହେବା ବଦଳରେ ପ୍ରତିଷେଧକ ଓ ସୁରକ୍ଷାଗତ ପଦକ୍ଷେପ ନେବା ଏବେ ସମୟର ଆହ୍ୱାନ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜିର ଦିନରେ ସମଗ୍ର ବିଶ୍ୱ ଏକ ଅଭାବନୀୟ ପରିସ୍ଥିତିରେ ପହଁଚିଛି । କରୋନା ଭୂତାଣୁ ସମଗ୍ର ମାନବ ଜାତିକୁ ସଙ୍କଟରେ ପକାଇଛି । ଏହା ବିଶ୍ୱଯୁଦ୍ଧ ଠାରୁ ବି ଭୟଙ୍କର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । କରୋନା ଭାଇରସକୁ ପ୍ରତିହତ କରିବା ପାଇଁ ଭାରତ ସରକାର ଓ ରାଜ୍ୟ ସରକାର ଅନେକ ସକରାତ୍ମକ ପଦକ୍ଷେପ ନେଉଛନ୍ତି । ଏଭଳି ସମୟରେ ସରକାରଙ୍କ ସହଯୋଗୀ ଭାବେ ଲୋକଙ୍କୁ ବ୍ୟାପକ ସଚେତନତା ହେବାକୁ ପଡିବ । ଯୁବପିଢି, ରାଜନୈତିକ କାର୍ଯ୍ୟକର୍ତା, ଗଣମାଧ୍ୟମ ଓ ସରକାରୀ କର୍ମଚାରୀ ଏହି ଦାୟିତ୍ୱରୁ ମୁହଁ ନଫେରାଇ ସମସ୍ତେ ସାମ୍ନା କରିବା ଦରକାର । ଓଡିଶା ସମେତ ଦେଶର ଅଧିକାଂଶ ସଂକ୍ରମିତ ବ୍ୟକ୍ତି ବିଦେଶରୁ ଏହି ଭାଇରାସ ଦ୍ୱାରା ଆକ୍ରାନ୍ତ ହୋଇ ସ୍ୱଦେଶକୁ ଆସିଛନ୍ତି ବା ଦେଶ ଭିତରେ ସେମାନଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା କେହି କେହି ସଂକ୍ରମିତ ହୋଇଛନ୍ତି । ଏପରି ପରିସ୍ଥିତିରେ ବିଦେଶରୁ ଆମ ରାଜ୍ୟ ଓଡିଶାକୁ ଫେରୁଥିବା ବନ୍ଧୁମାନେ ସରକାରୀ ବ୍ୟବସ୍ଥା ଅନୁସାରେ ନିଜକୁ ପଞ୍ଜିକୃତ କରିବା ଓ ଡାକ୍ତରୀ ପରାମର୍ଶ ଅନୁସାରେ ଏହି ସଂକ୍ରମଣର ଲକ୍ଷଣ ଥିଲେ ନିଜକୁ କ୍ୱାରାଂଟାଇନ୍ ବା ଅନ୍ୟମାନଙ୍କ ଠାରୁ ଦୂରରେ ରଖିବା ପରି ବ୍ୟବସ୍ଥାକୁ ନିଷ୍ଠାର ସହିତ ପାଳନ କରିବା ଜରୁରୀ । ଏହାସହ ରିପୋର୍ଟ ପଜେଟିଭ୍ ବାହାରିଲେ ଭୟଭୀତ ନହୋଇ ଡାକ୍ତର ଓ ବିଶେଷଜ୍ଞ ପରାମର୍ଶ ନେବା ଜରୁରୀ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଡାକ୍ତର ବା ବିଶେଷଜ୍ଞଙ୍କ କହିବାନୁସାରେ ଥଣ୍ଡା, ଜ୍ୱର, କାଶ ଭଳି ଲକ୍ଷଣ ଦେଖାଗଲେ ଲୋକମାନେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ସେହିପରି ଲୋକଙ୍କୁ ଧାର୍ମିକ, ବିବାହ ଉତ୍ସବ ସମେତ ଭିଡ ଅଂଚଳରେ ଅନେକ ସ୍ଥାନରେ ସାମାଜିକ ଦୂରତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏହାସମେତ ବିଶେଷ ଭାବରେ ଗରିବ ଲୋକମାନଙ୍କ ବିଶେଷ ଯତ୍ନ ନେବା ସମସ୍ତଙ୍କର ଦାୟିତ୍ୱ । ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଆସନ୍ତା ରବିବାର ଦେଶର ଲୋକମାନେ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଘରେ ରହି 'ଜନତା କର୍ଫ୍ୟୁ'କୁ ସଫଳ କରିବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । ସେହିପରି ଏଭଳି ସମୟରେ ଦେଶର ଡାକ୍ତର, ନର୍ସମାନେ ସାଧାରଣ ଲୋକଙ୍କ ଚିକିତ୍ସା ପାଇଁ ନିର୍ଭୀକ ଭାବେ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି । ଏମାନଙ୍କ ସହଯୋଗ କରିବାକୁ ସେ କହିଛନ୍ତି । ଡାକ୍ତରଖାନାରେ ଗହଳି ନକରି ଘରେ ରହି ଡାକ୍ତରଙ୍କ ପରାମର୍ଶନୁସାରେ ଚିକିତ୍ସା କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏତଦବ୍ୟତିତ ପ୍ରଧାନମନ୍ତ୍ରୀଙ୍କ ଅପିଲ କ୍ରମେ ଆସନ୍ତା ରବିବାର ଦିନ ସଂଧ୍ୟା ୫ଟାରେ ୫ ମିନିଟ୍ ପାଇଁ ଚିକିତ୍ସକ, ପାରାମେଡିକାଲଙ୍କ ଭଳି ବ୍ୟକ୍ତିବିଶେଷମାନଙ୍କୁ ହରିବୋଲ, କରତାଳି, ହୁଳହୁଳି ଓ ଶଙ୍ଖ ଫୁଙ୍କି ଏମାନଙ୍କୁ କୃତଜ୍ଞତା ଜଣାଇବାକୁ ଦେଶବାସୀଙ୍କୁ ନିବେଦନ କରିଛନ୍ତି ଶ୍ରୀ ପ୍ରଧାନ । କରୋନା ଭାଇରସର ମୁକାବିଲା ନିମନ୍ତେ ଓଡିଶା ରାଜ୍ୟରେ ସରକାରଙ୍କ ପ୍ରସ୍ତୁତିକୁ ଶ୍ରୀ ପ୍ରଧାନ ପ୍ରଶଂସା କରିବା ସହ କହିଛନ୍ତି ଯେ କରୋନାର ମୁକାବିଲା କରିବା ପାଇଁ ଓଡିଶା ସରକାରଙ୍କ ପକ୍ଷରୁ ଭଲ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଅପରପକ୍ଷରେ ସାର୍କ ଦେଶ ଗୁଡିକରେ କରୋନା ଭାଇରସର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ମୋଦି ନେତୃତ୍ୱ ନେଇଛନ୍ତି । ଏଥିରେ ସମସ୍ତେ ସହଯୋଗୀ ହେବାକୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ଏଭଳି ସ୍ଥିତିରେ କୌଣସି ପ୍ରକାର ଭୟଭୀତ ନହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଦେଶର ସମସ୍ତ ଜନସାଧାରଣ ମିଶି ରାଜ୍ୟ ଓ ଦେଶକୁ ଏହି ବିଶ୍ୱ ମହାମାରୀକୁ ଦୃଢତାର ସହ ସାମ୍ନା କରନ୍ତୁ ଏବଂ ସମସ୍ତଙ୍କ ମିଳିତ ଉଦ୍ୟମରେ ମାନବ ଜାତି ସୁରକ୍ଷିତ ହୋଇପାରିବ ବୋଲି ସେ କହିଛନ୍ତି।

# ଏପ୍ରିଲ ୧୫ ପରେ ଆଇପିଏଲ୍‌ର ଭାଗ୍ୟ ନିର୍ଦ୍ଧାରଣ : ମନ୍ତ୍ରୀ

**ନୂଆଦିଲ୍ଲୀ :** ଆସନ୍ତା ମାର୍ଚ୍ଚ ୨୯ ତାରିଖରେ ଆଇପିଏଲ୍‌ର ତ୍ରୟୋଦଶ ସଂସ୍କରଣ ଖେଳାଯିବା ସକାଶେ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଥିଲା। କିନ୍ତୁ କରୋନାର ପ୍ରଭାବ କାରଣରୁ ଏହି ଟୁର୍ଣ୍ଣାମେଣ୍ଟକୁ ପାଖାପାଖି ଦୁଇ ସପ୍ତାହ ଘୁଞ୍ଚାଇ ଦିଆଯାଇ ଆସନ୍ତା ଏପ୍ରିଲ୍ ୧୫ ତାରିଖରୁ ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଛି। ତେବେ ଦେଶରେ ସେତେବେଳକୁ କରୋନାଜନିତ ସମସ୍ୟା ସ୍ୱାଭାବିକ ହେବାର ସମ୍ଭାବନା ଯଥେଷ୍ଟ କମ୍ ରହିଥିବାରୁ ଏହାକୁ ଜୁଲାଇ-ଅଗଷ୍ଟକୁ ଘୁଞ୍ଚାଯିବାର ସମ୍ଭାବନା ମଧ ପ୍ରକାଶ ପାଇଛି। ତେବେ ଏପ୍ରିଲ୍ ୧୫ ପରେ ହିଁ ବିଶ୍ୱର ଏହି ସବୁଠାରୁ ଲୋକପ୍ରିୟ ଟି-୨୦ ଟୁର୍ଣ୍ଣାମେଣ୍ଟର ଭାଗ୍ୟ ନିର୍ଦ୍ଧାରଣ ହୋଇପାରିବ ବୋଲି କହିଛନ୍ତି କେନ୍ଦ୍ର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ କିରେନ୍ ରିଜିଜୁ। ସେ କହିଛନ୍ତି ଯେ ଏପ୍ରିଲ୍ ୧୫ ପରେ ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ନୂଆ ନିର୍ଦ୍ଦେଶାବଳୀ ଜାରି କରିବେ। ବିସିସିଆଇ ଦେଶରେ ସବୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ନିଷ୍ପତ୍ତି ନେଉଥିଲେ ହେଁ ଏହା ଆଦୌ ଅଲିମ୍ପିକ୍ସ ପରି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ ନୁହେଁ। ତା'ଛଡ଼ା ଏଥିରେ ଅଂଶଗ୍ରହଣ କରୁଥିବା ଖେଳାଳି ଓ ହଜାର ହଜାର ସଂଖ୍ୟାର ଦର୍ଶକଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯିବା ଉଚିତ। ସର୍ବୋପରି ଏହା ସମଗ୍ର ଦେଶବାସୀଙ୍କ ସୁରକ୍ଷାର ପ୍ରଶ୍ନ। ତେଣୁ ଏପ୍ରିଲ୍ ୧୫ ତାରିଖ ପରେ ପରିସ୍ଥିତି କ'ଣ ହେଉଛି, ତାହା ଦେଖିବା ପରେ ହିଁ ଆଇପିଏଲ୍ ଆୟୋଜିତ ହେବ କି ଏହାର ଚଳିତ ବର୍ଷର ସଂସ୍କରଣକୁ ବାତିଲ୍ କରାଯିବ, ସେ ନେଇ ନିଷ୍ପତ୍ତି ହେବ ବୋଲି ରିଜିଜୁ କହିଛନ୍ତି।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି